## ସଂକ୍ଷେପରେ

### ପାଣିଘେରରେ ଥିବା ଲୋକଙ୍କୁ ଭେଟିଲେ ବିଧାୟକ



**ମାର୍ଶାଘାଇ, ୧୭।୮ (ଡିଏନଏ):** ମହାନଦୀର ପ୍ରଥମ ବନ୍ୟାଜଳ ନିଷ୍କାସନ ପାଇଁ ଗେଟ୍ ଖୋଲାଯିବା ପରେ ମାର୍ଶାଘାଇ ଓ ମହାକାଳପଡା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଲୁଣା, ଚିତ୍ରୋତ୍ପଳା ଓ ପାଇକା ନଦୀରେ ବନ୍ୟା ଜଳ ଆସିଛି । ଶୁକ୍ରବାର ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମାର୍ଶାଘାଇ ବ୍ଲକର ବଟିରା, ମଙ୍ଗରାଜପୁର ପଞ୍ଚାୟତର ନଦୀ କୂଳବର୍ତ୍ତୀ ଉପର ବଟିରା,ଦଶମାଣକୂଳ ଓ ରତନପୁର ଗ୍ରାମର ପାଣିଘେରରେ ଥିବା ଲୋକଙ୍କୁ ଭେଟି ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ। ସେ ଜଳସମ୍ପଦ ଏବଂ ପଞ୍ଚାୟତିରାଜ ଅଧିକାରୀମାନଙ୍କ ସହ ଆଲୋଚନା କରି ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ସହିତ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ,ଜିଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡା,ବଟିରା ସରପଞ୍ଚ ଅନିରୁଦ୍ଧ ଚଇନି ,ମଙ୍ଗରାଜପୁର ସରପଞ୍ଚ ପ୍ରଦୀପ ନାୟକ,ତାଳସଙ୍ଗା ସରପଞ୍ଚ କବିନ୍ଦ୍ର ଜେନା,ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ କୁମାର ମଲିକ,ଯୁବନେତା ଜ୍ୟୋତିରଞ୍ଜନ ଖଟୁଆ,ବାପି ଦାସ,ପ୍ରିୟବ୍ରତ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ,୧୭।୮(ସ୍ୱ.ପ୍ର.) :** କବି ତଥା ସାହିତ୍ୟାନୁରାଗୀ ଗୋଲକ ଚନ୍ଦ୍ର ସାହୁଙ୍କ ବିୟୋଗରେ ଗୁରୁବାର ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ତାଙ୍କ ଦ୍ୱାଦଶ ଉପଲକ୍ଷେ ଜନ୍ମ ମାଟି ଷଣ୍ଢପଲ୍ଲୀ ଠାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବେଲେଶ୍ୱର ସାହିତ୍ୟ ସଂସଦର ସଭାପତି ବ୍ରଜବନ୍ଧୁ ଦାଶ ଅଧ୍ୟକ୍ଷତା କରିଥିଲେ । ସଭାରେ ବିଶିଷ୍ଟ ପାଲା ଗାୟକ ଦତ୍ତକୃଷ୍ଣ ପଣ୍ଡା, କବି ଶଙ୍କର୍ଷଣ ଦାଶ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ରାଜ କୁମାର ବିଶ୍ୱାଳ, ଡ. ନୀଳମଣି ଲେଙ୍କା, ପ୍ରାଦେଶିକ ପାଟରା ମହାସଂଘର ସଭାପତି ରବୀନ୍ଦ୍ର କୁମାର ସାହୁ, ଶିକ୍ଷାବିତ୍ ଚର୍ତୁଭୂଜ ରାଉଳ, ଗାଳ୍ପିକ ପ୍ରଦୀପ ନାୟକ, ପ୍ରେମାନନ୍ଦ ସୂତାର, ନାରାୟଣ ରାଉତ, ରାମକୃଷ୍ଣ ଦାଶ, ଆରାଧନା ଦାଶ, ନାରାୟଣ ପ୍ରସାଦ ରାଉଳ, ଡା. ମନୋରଞ୍ଜନ ଦାଶ, ସଙ୍ଗୀତ ଗୁରୁ ରବୀନ୍ଦ୍ର ମିଶ୍ର, କଣ୍ଠଶିଳ୍ପୀ ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ସାହୁଙ୍କ କନିଷ୍ଠ ଭ୍ରାତା ବ୍ରଜ ସୁନ୍ଦର ସାହୁ, ଅଞ୍ଜନ କୁମାର ସାହୁ, ଶତ୍ରୁଘ୍ନ ସାହୁ, ପୁତ୍ର ରମେଶ ସାହୁ, ଭୁବନ ମୋହନ ସାହୁ, ସୁଜିତ ସାହୁ, ବିଶ୍ୱଜିତ୍ ସାହୁଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଶ୍ରୀ ବଳରାମଙ୍କ ସପ୍ତମ ବାର୍ଷିକ ଜନ୍ମୋତ୍ସବ



କେନ୍ଦ୍ରାପଡା ଅଫିସ, ୧୭।୮ - କେନ୍ଦ୍ରାପଡ଼ା ସହରର ମନକରପୁରସ୍ଥିତ ବାସୁଦେବ କ୍ଲବ ପରିସରରେ ଶ୍ରୀବଳରାମଙ୍କ ସପ୍ତମବାର୍ଷିକ ଜନ୍ମୋତ୍ସବ ଗୁରୁବାର ପବିତ୍ର ଗହ୍ମା ପୂର୍ଣ୍ଣିମା ଦିବସରେ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ବଳରାମଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା । ନିଖିଳ ଓଡ଼ିଶା ତୁଳସୀ ବଳରାମ ସାମାଜିକ ସାଂସ୍କୃତିକ ପରିଷଦର ସଭାପତି ନେପାଳ ପ୍ରକାଶ ସାମନ୍ତଙ୍କ ଉଦ୍ୟମରେ ଗତ ୭ ବର୍ଷ ହେବ ସହରର ବିଭିନ୍ନ ସ୍ଥାନରେ ଏହି ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ସହରର ଖଡିଅଙ୍ଗ, ବିନୋଦ ବିହାରୀ ମନ୍ଦିର(ଗନାମାହାଲ), ତିନିମୁହାଣି ରାମମନ୍ଦିର ଓ ମନକରପୁରରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମନକରପୁରଠାରେ ଆୟୋଜିତ ଏହି ଉତ୍ସବକୁ ବଳଦେବସେନାର ସଦସ୍ୟ ଉମେଶ ଚନ୍ଦ୍ର ବେହେରା, ପୁପୁନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ସହର ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## ସାମାନ୍ୟ ବନ୍ୟାରେ ଭାଙ୍ଗିଲା ନୂତନ ପଥର ସ୍ପର

# ଷାଠିଏବାଟି ଗ୍ରାମରେ ବନ୍ୟା ଆଶଙ୍କା

- ୨୦୧୬ରେ ମୁଖ୍ୟମନ୍ତ୍ରୀ କରିଥିଲେ ପ୍ରକଳ୍ପର ଶିଳାନ୍ୟାସ
- ୫୦ ମିଟର ପର୍ଯ୍ୟନ୍ତ ପଥରବନ୍ଧ ପ୍ୟାକିଂ ହୋଇଥିଲା

**କେନ୍ଦ୍ରାପଡ଼ା ଅଫିସ, ୧୭।୮**

ସାମାନ୍ୟ ବନ୍ୟାରେ ମହାନଦୀର ଶାଖାନଦୀ ଲୁଣା ନଦୀର ବାମପାର୍ଶ୍ୱରେ ନିର୍ମାଣ ହୋଇଥିବା ନୂତନ ପଥର ସ୍ପର ଭାଙ୍ଗିଯାଇଛି । ଫଳରେ ମହାକାଳପଡା ବ୍ଲକ ଅନ୍ତର୍ଗତ ଷାଠିଏବାଟି ଗ୍ରାମ ମଧ୍ୟକୁ ପାଣି ପଶିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ଗ୍ରାମର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୬ ନଭେମ୍ବର ୮ରେ ପଥରବନ୍ଧ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା । ପ୍ରକଳ୍ପ ପାଇଁ ପ୍ରାୟ ୧୧ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ଓସିସିକୁ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ତେବେ ଗତ ୩ ବର୍ଷ ହେବ ଠିକାସଂସ୍ଥା ଏହି ପ୍ରକଳ୍ପ ପାଇଁ କାମ ଆରମ୍ଭ କରି ନ ଥିବା ବେଳେ ଚଳିତ ବର୍ଷ ମାତ୍ର ୫୦ ମିଟର ପର୍ଯ୍ୟନ୍ତ ପଥର ବନ୍ଧ ପ୍ୟାକିଂ କରିବାକୁ ସକ୍ଷମ ହୋଇଥିଲା । ଗତ ଦୁଇ ଦିନ ତଳେ ମହାନଦୀରେ ବନ୍ୟାଜଳ ଆସିବାରୁ ଏହି ପଥରବନ୍ଧ ପ୍ୟାକିଂ ନଷ୍ଟ ହୋଇଯାଇଥିବା ନେଇ ଗ୍ରାମବାସୀ ସୂଚନା ଦେଇଛନ୍ତି। ଏସମ୍ପର୍କରେ ଗ୍ରାମର ଅବିନାଶ ସାମଲ କୁହନ୍ତି, ବର୍ଷାଦିନେ ଗ୍ରାମ ପାଇଁ ଲୁଣାନଦୀ ବିପଦ ସାଜିଛି । ପ୍ରତିବର୍ଷ ଦୁର୍ବଳ ନଦୀବନ୍ଧ ଯୋଗୁ ବନ୍ୟା ଜଳ ଗ୍ରାମକୁ ପଶୁଛି। ଏହାଦ୍ୱାରା ଫସଲ ନଷ୍ଟ ସହ ସାଧାରଣ ଜୀବନଯାପନରେ ବାଧା ସୃଷ୍ଟି କରୁଛି। ଏଥିପାଇଁ ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ରାଜନେତାଙ୍କ ଅବଗତ କରାଇଥିଲେ । ପରେ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ପୁଣି ଥରେ ପ୍ରଶାସନ ନିକଟରେ ପୁନର୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିସହ ଠିକାସଂସ୍ଥା ପ୍ରକଳ୍ପ କାର୍ଯ୍ୟରେ ବହୁ ଅନିୟମିତତା କରୁଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ସେତେବେଳେ ଏହି ବିଷୟରେ କେହି ଶୁଣି ନଥିଲେ । ଏବେ ସାମାନ୍ୟ ବନ୍ୟାରେ ପଥରସ୍ପର ଭାଙ୍ଗି ଯିବାରୁ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁଙ୍କ କହିବାନୁସାରେ, ଠିକାସଂସ୍ଥା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସଲାସୁତରା ରହିଛି । ପ୍ଲାନ ଓ ଏଷ୍ଟିମେଟ ଅନୁଯାୟୀ, ପଥର ପ୍ୟାକିଂ ପାଇଁ ଆବଶ୍ୟକୀୟ ପଥର ସଂଗ୍ରହ ହୋଇନାହିଁ । ନାମକୁ କିଛି ପଥର ନଦୀ କୂଳରେ ରଖି ସମ୍ପୃକ୍ତ ଠିକା ସଂସ୍ଥା କାମ ସାରି ଦେବାକୁ ଉଦ୍ୟମ କରିଛି । ଏସମ୍ପର୍କରେ ଲୁଣା ତଟବନ୍ଧ ନିର୍ବାହୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ କହିଛନ୍ତି, ନିକଟରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ନଦୀରେ ପାଣିଥିବାରୁ ଠିକ୍ ଭାବେ କାର୍ଯ୍ୟ ହୋଇପାରିନାହିଁ । ଫଳରେ ଏହି କାମକୁ ବନ୍ଦ କରି ଦିଆଯାଇଛି । ବର୍ଷାଦିନ ପରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ନିର୍ବାହୀଯନ୍ତ୍ରୀ ରଥ ମତ ଦେଇଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୮।୮।୨୦୧୯ (ରବିବାର)**

- ଗ୍ରହଣଖଣ୍ଡିଆ ଅସ୍ତ୍ରୋପଚାର ଚିହ୍ନଟ ଓ ମାଗଣା ଚିକିତ୍ସା ଶିବିର
**ସ୍ଥାନ–** ଡାକବଙ୍ଗଳା ଗୃହ, ମହାକାଳପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୯।୮।୨୦୧୯ (ସୋମବାର)**

- ଜନଶୁଣାଣି ଶିବିର
**ସ୍ଥାନ–** ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା
- ଭିନ୍ନକ୍ଷମ ଚିହ୍ନଟ ଶିବିର
**ସ୍ଥାନ–** ବଗଡା ପଞ୍ଚାୟତ କାର୍ଯ୍ୟାଳୟ ଗୃହ, କେନ୍ଦ୍ରାପଡ଼ା
**ସମୟ–** ପୂର୍ବାହ୍ନ ୧୦ଟା

**୨୦।୮।୨୦୧୯ (ମଙ୍ଗଳବାର)**

- ଜିଲା ପ୍ରଶାସନ ପକ୍ଷରୁ ସଦଭାବନା ଦିବସ ପାଳନ
**ସ୍ଥାନ–** ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୧ଟା
- ଜିଲା କଂଗ୍ରେସ ପକ୍ଷରୁ ସଦ୍‌ଭାବନା ଦିବସ ପାଳନ
**ସ୍ଥାନ–** କଂଗ୍ରେସଭବନ, କଜଳା, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୨୨।୮।୨୦୧୯ (ଗୁରୁବାର)**

- ସାହିତ୍ୟିକ ଯଦୁନାଥ ଦାସ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭା
**ସ୍ଥାନ–** ଜଇପୁରା, କେନ୍ଦ୍ରପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା

**୨୩।୮।୨୦୧୯ (ଶୁକ୍ରବାର)**

- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ
**ସ୍ଥାନ–** ଶ୍ରୀ ଦଧିବାମନଜୀଉ ମନ୍ଦିର, ତମାଳଶାସନ, ଟାଟରାପାଟଣା, କେନ୍ଦ୍ରପଡା, **ସମୟ–** ଅପରାହ୍ନ ୫ଟା
- ଜନ୍ମାଷ୍ଟମୀ ଉପଲକ୍ଷେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତା
**ସ୍ଥାନ–** ସରସ୍ୱତୀ ଶିଶୁମନ୍ଦିର, ସାନ୍ତସାହି, କେନ୍ଦ୍ରାପଡ଼ା
**ସମୟ–** ପୂର୍ବାହ୍ନ ୧୦ଟା
- କୁଳଦୀପ ନାୟର ଓ କୁନ୍ତଳା କୁମାରୀ ସାବତଙ୍କ ଶ୍ରଦ୍ଧାଞ୍ଜଳୀ ସଭା
**ସ୍ଥାନ–** ପ୍ରେସ କ୍ଲବ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା

# ବାସହରା ଆଲୋକ, ଗୁହାଳ ଘରେ ବିତୁଛି ଜୀବନ

**ମାର୍ଶାଘାଇ, ୧୭।୮ (ଡ଼ି.ଏନ.ଏ.)**

ଆଲୋକ ସ୍ୱାଇଁ (୫୦) । ଘର ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ କାନପୁର ଗ୍ରାମରେ। ଘରେ ସେ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ । ଜମିବାଡି କିଛି ନ ଥିବାରୁ ମୂଲ ଲାଗି ଚଳନ୍ତି । ଏଭଳି ପରିସ୍ଥିତିରେ ଗତ ବର୍ଷକ ତଳେ ଅଗ୍ନିକାଣ୍ଡରେ ତାଙ୍କ ଘର ପୋଡି ଯିବାରୁ ବାସହରା ହୋଇ ଗୁହାଳ ଘରେ ଆଶ୍ରୟ ନେଇଛନ୍ତି । ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିବା ଏହି ପରିବାର ଦୀର୍ଘଦିନ ହେଲା ଅତି ଦୟନୀୟ ଭାବେ ଦିନ କାଟୁଥିଲେ ହେଁ ସରକାରୀ ଯୋଜନାରେ ପକ୍କା ଘର ପାଇବାକୁ ସକ୍ଷମ ହୋଇ ପାରିନାହାନ୍ତି । ଅର୍ଥାଭାବ ଯୋଗୁ ନିଜର ବାସଗୃହ ନିର୍ମାଣ କରିବା ସମ୍ଭବପର ହେଉନାହିଁ ବୋଲି କହିଛନ୍ତି ଆଲୋକ । ଅପରପକ୍ଷରେ ପ୍ରଶାସନ ତରଫରୁ ଆବାସ ଯୋଜନାରେ ପକ୍କାଘର ମଳିନାହିଁ । ଏଥିପାଇଁ ଆଲୋକ ଆବେଦନ କରି ବହୁବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ଥିଲେ ହେଁ ନିରାଶ ହେବାକୁ ପଡିଛି । ବାସଗୃହ ଅଭାବରୁ ପଲିଥିନ ଘେରା ଗୁହାଳ ଘରେ ଏହି ଦମ୍ପତି ମୁଣ୍ଡ ଗୁଞ୍ଜିଛନ୍ତି । ଜୋରରେ ବର୍ଷା ପବନ ହେଲେ ନିକଟସ୍ଥ ପଡୋଶୀଙ୍କ ଘରେ ଆଶ୍ରୟ ନେବାକୁ ପଡୁଥିବା ଆଲୋକଙ୍କ ସ୍ତ୍ରୀ ସାବିତ୍ରୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଖୁବଶୀଘ୍ର ଘର ମିଳିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ଅଗ୍ନିକାଣ୍ଡରେ ବାସହରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ପକ୍କାଘର ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ସରକାରୀ ଯୋଜନା ଆଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିଛି । ଅଗ୍ନିବିପନ୍ନ ଆଲୋକଙ୍କ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଦାବି ହେଉଛି ।



ଗୁହାଳ ଆଗରେ ଆଲୋକ ଓ ତାଙ୍କ ସ୍ତ୍ରୀ।

# ଲୁଣାନଦୀ ପଠାରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

- ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ
- ତଦନ୍ତକୁ ଜୋରଦାର କଲା ପୋଲିସ

**ମାର୍ଶାଘାଇ/ଡେରାବିଶ, (ଡ଼ି.ଏନ.ଏ./ସ୍ୱ.ପ୍ର.)୧୭।୮**

ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ ବିଲବଳରାମପୁର ଗ୍ରାମ ନିକଟ ଲୁଣା ନଦୀପଠାରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତା ମହିଳା ହେଲେ ଡେରାବିଶ ବ୍ଲକ ଛକନା ଗ୍ରାମର ସସ୍ମିତା ବିଶ୍ୱାଳ (୪୫) । ତାଙ୍କୁ ହତ୍ୟା କରି ପକାଇ ଦିଆଯାଇଥିବା ମହିଳାଙ୍କ ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାପଡା ସଦର ଥାନା ଡେରାବିଶ ବ୍ଲକ ଅଧୀନ ଛକନା ଗ୍ରାମର ସସ୍ମିତା ଗତ ୧୧ ତାରିଖରୁ ନିଖୋଜ ଥିଲେ । ତେବେ ସସ୍ମିତାଙ୍କୁ କୌଣସି କାରଣରୁ ତାଙ୍କ ସାବତ ପୁଅ ଓ ବୋହୂ ହତ୍ୟା କରିଥିବା ନେଇ ସଦର ଥାନାରେ ମହିଳାଙ୍କ ବାପା ଭ୍ରମରବର ବରାଳ ଅଭିଯୋଗ କରିଥିଲେ । ମାତ୍ର ଏହି ଘଟଣାକୁ ପୋଲିସ ଅତି ହାଲୁକା ଭାବେ ନେଇ ତଦନ୍ତ ଶିଥିଳ କରି ଦେଇଥିଲା । ଲୁଣାନଦୀ ପଠାରୁ ବନ୍ୟାଜଳ ଛାଡିଯିବା ପରେ ସକାଳେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଶୌଚ ହେବା ପାଇଁ ନଦୀ ପଠାକୁ ଯାଇଥିଲେ । ସେମାନେ ସେଠାରେ ଥିବା ଏକ ଭେଣ୍ଡି କିଆରୀରେ ଜଣେ ମହିଳା ମୁହଁ ମାଡି ପଡିଥିବା ଦେଖିବାକୁ ପାଇଥିଲେ । ତାଙ୍କ ପିଠି ଓ ଦେହର ଅନ୍ୟ ସ୍ଥାନରେ ଦାଗ ଦେଖିବାକୁ ମିଳିଥିଲା ଏହାଛଡା କେଶ ମୁକୁଳା ଥିଲା । ଖବରପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ସସ୍ମିତାଙ୍କ ବାପଘର ପରିବାର ମୃତଦେହ ଚିହ୍ନଟ କରିଥିଲେ । ସସ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏ ନେଇ ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ( ନଂ ୨୩୧/୧୯) ଆଇପିସିର ଦଫା ୩୦୨, ୧୨୦ (ବି) ଓ ୨୦୧, ୩୪ରେ ମାମଲା ରୁଜୁ ହୋଇଛି । ପୋଲିସ ତଦନ୍ତକୁ ଜୋରଦାର କରିଥିବା ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ ସୂଚନା ଦେଇଛନ୍ତି।



ସସ୍ମିତା ବିଶ୍ୱାଳ । (ଫାଇଲଫଟୋ

# ମୁସଲମାନ ବସ୍ତି ଯୁବକଙ୍କ ଶୋଭାଯାତ୍ରା



ମୁସଲିମ୍ ବସ୍ତିର ଯୁବକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ପଟ୍ଟାମୁଣ୍ଡାଇ,୧୭।୮(ସ୍ୱ.ପ୍ର)**

କଶ୍ମୀରରୁ ୩୭୦ଧାରା ଉଚ୍ଛେଦ ପରେ ମୁସଲମାନ ଯୁବକମାନଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି । ଗତ ଗୁରୁବାର ସ୍ୱାଧୀନତା ଦିବସ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିର ଶତାଧିକ ଯୁବକ ମଦ୍ରାସା ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ । ଶୋଭାଯାତ୍ରାକାରୀମାନେ ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ହିନ୍ଦ୍ ନାରା ଦେଇ ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଏହି ଶୋଭାଯାତ୍ରାରେ ସେକ୍ ମେରୁଲ୍ଲା, ଖାଲିଦ୍ ଅହମ୍ମଦ୍, ସେକ୍ ଆସଲାମ୍, ସେକ୍ ପପୁନ୍, ସେକ୍ ସାହିଲ୍, ସେକ୍ ଖାନୋ, ସେକ୍ ନେସାର୍ ଖାନ୍, ମିଆଜୁଦ୍ଦିନ୍ ଖାନ୍, ସେକ୍ ଲାଲୁ, ସେକ୍ ଅସବାଦ୍, ସେକ୍ ଚାନ୍ଦ୍, ସେକ୍ କୁନା, ସେକ୍ ମୁର୍ ଅଲ୍ଲୀ, ସୟଦ୍ ମାଜିଦ୍, ସୟଦ୍ ଓକାର୍, ବାଦଶାହ ଖାନ୍, କଲିମୁଦ୍ଦିନ୍ ଖାନ୍‌ଙ୍କ ସମେତ ୭୦ଜଣ ଯୁବକ ସାମିଲ ହୋଇଥିଲେ । ଏହି ଯୁବକମାନେ ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଏମଏନ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗ ଦେଇଥିଲେ । ଚଳିତବର୍ଷ ସ୍ୱାଧୀନତା ଦିବସକୁ ମୁସଲିମ୍ ବସ୍ତିର ଯୁବକମାନେ ଆଗ୍ରହର ସହ ପାଳନ କରିଥିବା ବେଳେ ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି ।

## ରକ୍ଷାବନ୍ଧନ ଉତ୍ସବ ପାଳିତ

**ମାର୍ଶାଘାଇ,୧୭।୮(ଡିଏନଏ)**

ମାର୍ଶାଘାଇ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ଓ ଘରେ ଘରେ ଗୁରୁବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟେକ ପରିବାରର ଭଉଣୀ ନିଜର ସୁରକ୍ଷା ପାଇଁ ଭାଇମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରି ହାତରେ ରାକ୍ଷୀ ବାନ୍ଧି ଉତ୍ସବ ପାଳନ କରିଛନ୍ତି। ଶ୍ରୀକୃଷ୍ଣଙ୍କ ହାତ କଟି ରକ୍ତସ୍ରାବ ହେବାରୁ ନିଜର ପଣତକାନିକୁ ଚିରି ଭଉଣୀ ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧି ଦେଇଥିଲେ। ଫଳସ୍ୱରୂପ ଭଉଣୀ ଦୌପଦୀଙ୍କ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ବସ୍ତ୍ର ପ୍ରଦାନ କରି ଭଉଣୀଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ। ସେହିପରି ଗହ୍ମାପୂର୍ଣ୍ଣିମାରେ ପ୍ରଭୁ ବଳରାମଙ୍କ ଜନ୍ମ ହୋଇଥିଲା। ତେଣୁ ଚାଷୀ ପରିବାର ଗୋଦେବତାଙ୍କୁ ପୂଜାର୍ଚ୍ଚନା କରିବା ସହିତ ଚାଷକାର୍ଯ୍ୟରେ ବ୍ୟବହୃତ ସମସ୍ତ ସାମଗ୍ରୀକୁ ପୂଜା କରିଥିଲେ। ଏହି ଅବସରରେ ବଳରାମଙ୍କ ମୃଣ୍ମୟ ମୂର୍ତ୍ତିକୁ ବିଭିନ୍ନ ଗ୍ରାମର ମଣ୍ଡପରେ ପୂଜାର୍ଚ୍ଚନା କରାଯାଉଛି। ଚଳିତବର୍ଷ ମାର୍ଶାଘାଇ ବାଲିକଷୋଟି ଗ୍ରାମରେ ହୋଇଥିବା ପୂଜାମଣ୍ଡପକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଛି ।

## ମହିଳା ସମିତି ଅନ୍ତେବାସୀ ପାଳିଲେ ରକ୍ଷାବନ୍ଧନ ଉତ୍ସବ

**ମାର୍ଶାଘାଇ,୧୭।୮(ଡିଏନଏ)**

ମାର୍ଶାଘାଇ ଥାନା ତଥା ମହାକାଳପଡା ବ୍ଲକ ପାଟଳିପଙ୍କଠାରେ ଥିବା ଲୁଥେରାନ ମହିଳା ସମିତିର ଅନ୍ତେବାସୀମାନେ ଗୁରୁବାର ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି। ସକାଳୁ ପ୍ରଭାତ ଫେରି କରାଯିବା ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହା ପରେ ଅନ୍ତେବାସୀମାନେ ଉପସ୍ଥିତ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧିଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ମହାବିଦ୍ୟାଳୟରେ ବୃକ୍ଷରୋପଣ

**ରାଜନଗର,୧୭।୮(ଡି.ଏନ.ଏ.)**

ସ୍ୱାଧୀନତା ଦିବସ ଅବସରରେ ଓଡିଶା ରାଜ୍ୟ ଡାଲୁକ ସେବା ଓ କେନ୍ଦ୍ରାପଡା ଜିଲା ତାଲୁକ ସେବା ଆନୁକୂଲ୍ୟରେ ରାଜନଗର ଜେଏମଏଫସି କୋର୍ଟ ପକ୍ଷରୁ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏମଏଫସି କୋର୍ଟର ବିଚାରପତି ସାଧନଜିତ୍ ପଣ୍ଡା ପ୍ରଥମେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ ଓ ଅଧାପିକା ଅଧ୍ୟାପକମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ରାଜନଗର ବାର ଆସୋସିଏଶନର ସଭାପତି ପ୍ରଦୀପ ଦାସ, ସଂପାଦକ ଉମେଶ ଚନ୍ଦ୍ର ଦାସ, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ କବି, ଲକ୍ଷ୍ମଣ ରାଉତ, ରଞ୍ଜନ କୁମାର ସେଠୀ, ମନ୍ମଥ ରାଉତ, ଅମର ଦାସ, ସୁଧାଂଶୁ ସାହୁ, ଏନ .ରାଉତରାୟ, ସରକାରୀ ଓକିଲ ନଳିନୀ କାନ୍ତ ମଙ୍ଗରାଜ, ପ୍ରଭାତ କୁମାର ଜେନା, କଳାକାର ରାଉତ, ବୀରକିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ରାଜନଗର ଜେଏମଏଫସି କୋର୍ଟର କର୍ମଚାରୀ ରଶ୍ମି ରଞ୍ଜନ ଦାସ, ମୁରଲୀଧର ସିଂହ, ବକୁଳ ଚନ୍ଦ୍ର ନାୟକ, ବନବିଭାଗର ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ରଞ୍ଜନ ପାଣି ପ୍ରମୁଖ ସହଯୋଗ କରିଥିଲେ।



## ସମସ୍ୟା ଘେରରେ ଶ୍ରୀବଳଦେବଜୀଉ ବନ ପ୍ରକଳ୍ପ

# ଭଙ୍ଗା ଡାଳ ଓ ଗଣ୍ଡି ଉଠାଇବାରେ କାଳକ୍ଷେପଣ ନୀତି

**ଡେରାବିଶ,୧୭।୮(ସ୍ୱ.ପ୍ର.)**

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିର ପାଇଁ ଡେରାବିଶ ବ୍ଲକ ଅଧୀନ ସବଳଙ୍ଗ କଣିପଡାଠାରେ କେନ୍ଦ୍ରାପଡା ଜିଲାର ଏକମାତ୍ର ବନ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଗତ ୨୦୦୦ ମସିହାରେ ଗ୍ରାମରେ ଥିବା ୧୬ ଏକର ଗୋଚର ଜମିରେ ଏହି ବନ ପ୍ରକଳ୍ପ ଗଜପତି ମହାରାଜ ଦିବ୍ୟସିଂହଦେବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଭାରତୀ ସାଥୀ ସମାଜ ତତ୍ତ୍ୱାବଧାନରେ ଏହି ବନ ପ୍ରକଳ୍ପରେ ୬୦୦୦ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା । ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଏହି ବନ ପ୍ରକଳ୍ପ କିଭଳି ସୁରକ୍ଷିତ ରହିବ ସେ ନେଇ ପ୍ରଶାସନିକ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଗତ ମେ ୩ ତାରିଖରେ ସାମୁଦ୍ରିକ ବାତ୍ୟା ଫନୀରେ ଏହି ଜଙ୍ଗଲ ପ୍ରଭାବିତ ହୋଇ ୧୦୦୦ରୁ ଉର୍ଦ୍ଧ୍ୱ ଗଛ ଭାଙ୍ଗି ଯାଇଥିଲା । ଭାଙ୍ଗି ଯାଇଥିବା ଗଛର ଡାଳ ଓ ଗଣ୍ଡିକୁ ସାଇତିବା ସାଥୀ ସମାଜ ପାଇଁ ସମସ୍ୟା ପାଲଟିଥିଲା । ତେବେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଭାଙ୍ଗି ଯାଇଥିବା ଗଛ ଓ ଡାଳକୁ ଜଙ୍ଗଲ ମଧ୍ୟରେ ଏଯାଏ ସାଇତି ରଖାଯାଇଛି । ମାତ୍ର ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭାଙ୍ଗି ଯାଇଥିବା ଗଛର ଗଣ୍ଡି ଓ ଡାଳକୁ ନେବା ପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରାଯାଉଛି । ଗଦା କରି ରଖାଯାଇଥିବା ଭଙ୍ଗା ଡାଳକୁ ସୁରକ୍ଷା ଯୋଗାଇବା ସାଥୀ ସମାଜ ପାଇଁ ସମସ୍ୟା ପାଲଟି ଥିବା ସମ୍ପାଦକ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଏ ସଂପର୍କରେ ମନ୍ଦିର ଟ୍ରଷ୍ଟ କର୍ତ୍ତୃପକ୍ଷ ,ଜିଲାପାଳ, ଉପ-ଜିଲାପାଳଙ୍କୁ ଗତ ମେ ମାସଠାରୁ ଆଜି ଯାଏଁ ବାରମ୍ବାର ଭେଟି ଆବେଦନ କରିଥିବା ସାହୁ କହିଛନ୍ତି । ମାତ୍ର ଏ ଦିଗରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେ ପ୍ରକାଶ କରିଛନ୍ତି । ଏ ନେଇ ମନ୍ଦିର ପରିଚାଳନା ଟ୍ରଷ୍ଟର ଟ୍ରଷ୍ଟି ବଳଭଦ୍ର ପତ୍ରି କହିଛନ୍ତି , ରଥଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉକ୍ତ ବନ ପକଳ୍ପରୁ କାଠ ଆଣିବାରେ ବିଳମ୍ବ ହୋଇଛି । ତେବେ ଖୁବଶୀଘ୍ର ଏହି କାଠଗୁଡିକ ମନ୍ଦିରକୁ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି ।



ସବଳଙ୍ଗ କଣିପଡାଠାରେ ଥିବା ବନ ପ୍ରକଳ୍ପ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୮/୨୦୧୯ Bhubaneswar, Sunday, August 18/2019

## ■ ପାରାଦୀପ ବିଜେଡିରେ ବଢୁଛି ଗୋଷ୍ଠୀ କନ୍ଦଳ

# ପରସ୍ପରଠୁ ଦୂରେଇ ରହୁଛନ୍ତି କାଉନ୍‌ସିଲର

ପାରାଦୀପ,୧୭।୮(ସ୍ୱ.ପ୍ର.)

୨୦୧୯ ସାଧାରଣ ନିର୍ବାଚନଠାରୁ ପାରାଦୀପ ବିଜେଡିରେ ଗୋଷ୍ଠୀ କନ୍ଦଳ ବଢିଚାଲିଛି। ଆଉ ୭ମାସ ପରେ ପୌର ନିର୍ବାଚନ ହୋଇପାରେ। ତେଣୁ ଏଥିପାଇଁ ଦଳୀୟ ନେତାମାନେ ବ୍ୟକ୍ତିଗତ ଭାବେ କସରତ ଚଳାଇଛନ୍ତି। ଦଳ ଏବେ ବହୁଧା ବିଭକ୍ତ ହେବାରେ ଲାଗିଛି, ଯାହାର ପ୍ରଭାବ ପାରାଦୀପ ପୌରପାଳିକାର ସମୂହ ସଫେଇ ଅଭିଯାନରେ ଦେଖିବାକୁ ମିଳିଛି। ପ୍ରତିବର୍ଷ ଅଗଷ୍ଟ ମାସ ଶେଷରେ ସ୍ୱାୟତ୍ତ ଶାସନ ଦିବସର ଅବ୍ୟବହିତ ପୂର୍ବରୁ ୧ ମାସ ଧରି ସମୂହ ସଫେଇ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୁଏ। ଏଥିରେ ସମସ୍ତ କାଉନସିଲର ପ୍ରତିଦିନ ସକାଳେ ସାମିଲ ହୋଇଥାନ୍ତି। ଏପରି କି ଏମ୍‌ପି, ବିଧାୟକ ଓ ଦଳୀୟ କର୍ମୀ ଯୋଗ ଦିଅନ୍ତି। କିନ୍ତୁ ଚଳିତବର୍ଷ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବର୍ତ୍ତମାନ ସଫେଇ ଅଭିଯାନ ଚାଲିଥିବାବେଳେ ଏଥିରେ ଆଉ ଆଗଭଳି ଏକତା ଓ ସମନ୍ୱୟ ଦେଖିବାକୁ ମିଳୁନି। କାଉନ୍‌ସିଲରମାନେ ପରସ୍ପରଠାରୁ ଦୂରେଇ ରହୁଛନ୍ତି। ବିଧାୟକ ଓ ପୌରାଧ୍ୟକ୍ଷଙ୍କ ସମର୍ଥକ ଗୋଷ୍ଠୀ କେହି କାହା ୱାର୍ଡ କାର୍ଯ୍ୟକ୍ରମକୁ ଯାଉନାହାନ୍ତି। ଅବଶ୍ୟ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସମସ୍ତ ୱାର୍ଡକୁ ଯାଉଛନ୍ତି। ଅନ୍ୟପକ୍ଷରେ ବିଧାୟକ ସମ୍ବିତ ରାଉତରାୟ ଏହି କାର୍ଯ୍ୟକ୍ରମଠାରୁ ଦୂରେଇ ରହିଛନ୍ତି। ଶନିବାର ୯ନମ୍ବର ୱାର୍ଡ ସଫେଇ ଅଭିଯାନରେ ମାତ୍ର ୫ଜଣ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଚଳିତ କାଉନସିଲର ଅବଧି ୨୦୨୦ ଏପ୍ରିଲ ୧୮ରେ ସରିବ। ତେଣୁ ରାଜ୍ୟ ସରକାର ଆସନ୍ତାବର୍ଷ ମାର୍ଚ୍ଚରେ ରାଜ୍ୟର ସମସ୍ତ ପୌର ପରିଷଦ ପାଇଁ ନିର୍ବାଚନ କରିପାରନ୍ତି। ଉକ୍ତ ନିର୍ବାଚନ ପାଇଁ ଏବେ ପ୍ରତି ୱାର୍ଡରେ ଏକାଧିକ ଆଶାୟୀ କାଉନ୍‌ସିଲର ପ୍ରାର୍ଥୀ ଅଛନ୍ତି। ଚଳିତ ପୌର ପରିଷଦରେ ବିଜେଡିର ୧୬, କଂଗ୍ରେସର ୨ ଓ ଭାଜପା ଗୋଟିଏ ଆସନ ଥିଲା। ଏହା ମଧ୍ୟରେ ଭାଜପା ଓ କଂଗ୍ରେସର ଜଣେ କାଉନସିଲର ବିଜେଡିରେ ମିଶି ସାରିଛନ୍ତି। ତେଣୁ ମୋଟ୍ ୧୯ ୱାର୍ଡରୁ ବିଜେଡି ହାତରେ ୧୮ଟି ରହିଛି। ସେହି କାଉନ୍‌ସିଲରଙ୍କ ମଧ୍ୟରୁ କେତେଜଣ ବିଧାୟକଙ୍କ ଶିବିର ସହ ଘନିଷ୍ଠ ଭାବେ ଜଡ଼ିତ। ଏବେ ସଫେଇ କାର୍ଯ୍ୟକ୍ରମ ପୌରାଧ୍ୟକ୍ଷ ବିଶ୍ୱାଳଙ୍କ ନେତୃତ୍ୱରେ କରାଯାଉଥିବାରୁ ବିଧାୟକଙ୍କ ସମର୍ଥିତ କାଉନସିଲର ବିଭିନ୍ନ ବାହାନାରେ ସେଥିରୁ ଦୂରେଇ ରହୁଛନ୍ତି। ଏପରି କି ପୌର ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ ମଧ ସାମିଲ ହେଉନାହାନ୍ତି। କୁହାଯାଉଛି ଦଳରେ ଏବେ ୩ ଗୋଷ୍ଠୀ ମୁଣ୍ଡ ଟେକିଲାଣି। ଯେଉଁ କାଉନସିଲରଙ୍କ ୫ ବର୍ଷ କାର୍ଯ୍ୟକାଳ ସେଭଳି ଆଖିଦୃଶିଆ ହୋଇନାହିଁ ବା ଖରାପ ହୋଇଛି, ସେମାନେ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବେ ବୋଲି ଜାଣିଲେଣି। ତେଣୁ ସେମାନେ ବିଧାୟକଙ୍କ ଶିବିର ସହ ଜଡିତ ହେଉଥିବା କୁହାଯାଉଛି। କଥା ପ୍ରସଙ୍ଗରେ ସେମାନେ ସାଥି କାଉନସିଲରଙ୍କୁ ନିଜ ୱାର୍ଡରେ ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବାକୁ ଫୋନ୍‌ରେ ଡାକୁଛନ୍ତି। ଶନିବାର ସୁଦ୍ଧା ୯ ୱାର୍ଡ କାର୍ଯ୍ୟକ୍ରମ ମଧ୍ୟରେ ଜଣେ ଦୁଇଜଣ କାଉନସିଲର ବ୍ୟକ୍ତିଗତ ଉଦ୍ୟମରେ ଅନୁରୋଧ କରି ୧୦/୧୧ଜଣଙ୍କୁ ଏକାଠି କରିବାରେ ସଫଳ ହୋଇଛନ୍ତି। ଦଳରେ ଏଭଳି ଶୀତଳଯୁଦ୍ଧ ଆସନ୍ତା ପୌର ନିର୍ବାଚନ ଉପରେ କିପରି ପ୍ରଭାବ ପକାଇବ ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି। ୨୦୧୫ ନିର୍ବାଚନରେ ଭାଜପା ଦ୍ୱିତୀୟ ସର୍ବାଧିକ ଭୋଟ ପାଇଥିଲା। ଏବେ ଦଳ ବିଜେଡିର ଅସନ୍ତୁଷ୍ଟ କର୍ମୀ ଓ କାଉନସିଲରଙ୍କ ସହ ଭିତିରିଆ ଯୋଗସୂତ୍ରରେ ଥିବା ଚର୍ଚ୍ଚା ହେଉଛି। ଏବେ ସୁଦ୍ଧା ୯ ୱାର୍ଡ କାର୍ଯ୍ୟକ୍ରମ ଶେଷ ହୋଇଥିଲେ ହେଁ ବିଧାୟକ କେଉଁଠି ଯୋଗ ଦେଇନାହାନ୍ତି। ସମୂହ ସଫେଇ ଅଭିଯାନରେ ପ୍ରଥମେ ସଫେଇ, ପରେ ସାଧାରଣ ସଭା, ନାଟକ, ନୃତ୍ୟ ସଂଗୀତ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଚଳିତବର୍ଷ ନୂତନ ଭାବେ କନ୍ୟାରତ୍ନ ସଚେତନତା କରାଯାଉଛି। ପ୍ରତି ୱାର୍ଡରେ ଜଣେ କୁନି ଝିଅଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

■ସଫେଇ ଅଭିଯାନରେ ଦେଖିବାକୁ ମିଳୁନି ଏକତା

■କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି ବିଧାୟକ

# କଳ୍ପନା ଦାଶଙ୍କ ନାମରେ ରାସ୍ତା ନାମକରଣ ଦାବି

ତିର୍ତ୍ତୋଲ,୧୭।୮(ଡି.ଏନ.ଏ.)

ରାଜ୍ୟର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ସ୍ୱର୍ଗତା କଳ୍ପନା ଦାଶଙ୍କ ନାମରେ ରାଜଧାନୀର ଜୟଦେବ ବିହାର ଛକଠାରୁ କଳିଙ୍ଗ ଷ୍ଟାଡିୟମ ଛକ ପର୍ଯ୍ୟନ୍ତ ରାସ୍ତାର ନାମକରଣ କରିବାକୁ ଦାବି ହୋଇଛି। ଏନେଇ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଡେଶ୍ୱର ଯୁବ ପରିଷଦ ଖନ୍ଦୋଳର ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ, ସାମାଜିକ କର୍ମୀ ରୁଦ୍ର ପ୍ରସନ୍ନ ରଥ, ରଣଜିତ କର୍ମୀ, ରବିନାରାୟଣ କର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ଏମାନଙ୍କ ସହ ଦୀର୍ଘ ୩୦ ମିନିଟ ଧରି ଆଲୋଚନା କରିବା ସହ ଏ ସମ୍ପର୍କରେ ସରକାରଙ୍କୁ ଜଣାଇବେ ବୋଲି କହିଥିଲେ। ଆଗାମୀ ଦିନରେ ପାଖାପାଖି ୩୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଅନୁରୋଧପତ୍ର ମୁଖ୍ୟମନ୍ତ୍ରୀ, ବିଏମସି ମେୟର ପ୍ରମୁଖଙ୍କୁ ଭେଟି ପ୍ରଦାନ କରାଯିବ ବୋଲି କୁହାଯାଇଛି। ରାଜ୍ୟର ଏହି ପ୍ରଥମ ଏଭେରେଷ୍ଟ ଆରୋହଣକାରୀଙ୍କ ସ୍ମୃତିରକ୍ଷା ପାଇଁ ଏହି ଉଦ୍ୟମ ଆରମ୍ଭ କରାଯାଇଛି।

## ଗଛ କଟାକୁ ନେଇ ଉତ୍ତେଜନା

କୁଜଙ୍ଗ,୧୭।୮(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥିତ ଚାରା ଉତ୍ପାଦନ କେନ୍ଦ୍ର ସମ୍ମୁଖରେ ଥିବା ଗୋଚର କିସମ ଜମିରୁ ବେଆଇନ ଭାବେ ଏକ ବଡ଼ ଚାକୁଣ୍ଡା ଗଛ କଟାଯାଇଥିବାରୁ ପରିବେଶ ପ୍ରେମୀ ଓ ସାମାଜିକ କର୍ମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ବିରାଟ ଗଛ କଟାଯାଉଥିବା ବେଳେ ବ୍ୟବସ୍ଥାର ଆଳ ଦେଖାଇ ବନ ବିଭାଗ କର୍ମଚାରୀ ଏହା ରୋକିବା ତାଙ୍କ କାମ ନୁହେଁ ବୋଲି କହିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରକାଶ ଯେ, ଉକ୍ତ ଗଛ କଟାଯାଉଥିବା ଦେଖି ସ୍ଥାନୀୟ କେତେଜଣ ଲୋକ ବନ ବିଭାଗକୁ ଜଣାଇଥିଲେ। ମାତ୍ର ବନ ବିଭାଗ କର୍ମଚାରୀ ଏହା ରାଜସ୍ୱ ବିଭାଗର କାର୍ଯ୍ୟ ବୋଲି କହିଥିଲେ। ଖବରପାଇ ତାଳଦଣ୍ଡା ରାଜସ୍ୱ ନିରୀକ୍ଷକ ସତ୍ୟଜିତ୍ ସାହୁ ପହଞ୍ଚି କାଠ ଜବତ କରିଛନ୍ତି।






## ■ କନିମୂଳ ପିଏଚସିରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ୪ ପଞ୍ଚାୟତବାସୀ ମୌଳିକ ସେବାରୁ ବଞ୍ଚିତ

ରଘୁନାଥପୁର/ତିର୍ତ୍ତୋଲ, ୧୭।୮ (ଡି.ଏନ.ଏ.)

ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କନିମୂଳ ପିଏଚସି(ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ବିଶନପୁର, କନିମୂଳ, ଦାଇଁଲୋ ଓ ଗୋପାଳପୁର ପଞ୍ଚାୟତର ୩୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଅଞ୍ଚଳବାସୀ। ମୁନା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ୪ ପଞ୍ଚାୟତର ବୁଦ୍ଧିଜୀବୀ ପିଏଚସି ପରିସରରେ ଏକତ୍ରିତ ହୋଇଥିଲେ। ଦୀର୍ଘ ୫ ବର୍ଷ ଧରି ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆ ନ ଯିବାରୁ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଏଠାରୁ ୨୦ କିମି ଦୂରରେ ଥିବା ମଣିଜଙ୍ଗା କିମ୍ବା ୨୩ କିମି ଦୂରତ୍ୱରେ ଥିବା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନଦୀନାଳ ପାର ହୋଇ ଯିବାକୁ ପଡୁଛି ବୋଲି ସୁବାସ ପତି ଅଭିଯୋଗ କରିଛନ୍ତି। କୌଣସି ସମୟରେ ଜରୁରିକାଳୀନ ରୋଗୀଙ୍କ ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କଲେ ସେପାଖରୁ ଉପଲବ୍ଧ ନ ଥିବା ଉତ୍ତର ଆସୁଛି। ବେଳେବେଳେ ଆମ୍ବୁଲାନ୍ସ ପହଞ୍ଚିବାକୁ ଏକ ଘଣ୍ଟା ସମୟ ଲାଗିଥାଏ। ସେହିପରି ପିଏଚସି କେବଳ ଜଣେ ଫାର୍ମାସିଷ୍ଟ ଓ ଜଣେ ହୋମିଓପାଥିକ ଡାକ୍ତରଙ୍କ ଦ୍ୱାରା ଚାଲିଛି। ଆଉଟଡୋର ରୋଗୀଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି। ଏହାଛଡା ପିଏଚସିରେ ୱାଚମ୍ୟାନ ବ୍ୟବସ୍ଥା ନ ଥିବାରୁ ଡିପ୍ ଫ୍ରିଜ, ଇନ୍‌ଭଟର , ବ୍ୟାଟେରି, ଫ୍ୟାନ, ପାଣି ମୋଟର ଓ ଷ୍ଟାବିଲାଇଜର ଆଦି ଚୋରି ହୋଇଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ପରିସରରେ ଡାକ୍ତର ଓ ଫାର୍ମାସିଷ୍ଟ କ୍ୱାର୍ଟର୍ସ ଥିଲେ ସୁଦ୍ଧା ଏଠାରେ କେହି ରହୁନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତି ପାଇଁ ବାର୍ଷିକ ଅନୁଦାନ ଆସୁଥିଲେ ବି ଏହାକୁ ଚଳୁ କରି ଦିଆଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ଅଞ୍ଚଳର ସର୍ବ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ପ୍ରକାର ପଙ୍ଗୁ କରି ଦିଆଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ କରାଯାଉଛି ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ସମେତ ସିଡିଏମ୍‌ଓଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ ସ୍ଥାୟୀ ଡାକ୍ତର ଓ ଜନସଂଖ୍ୟା ଦୃଷ୍ଟିରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ମାନସ ଦାସ, ସୁଶାନ୍ତ ସୁତାର, ପ୍ରମୋଦିନୀ ସେଠୀ, କୃଷ୍ଣଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି। ନଚେତ ଆଗାମୀଦିନରେ ଅଞ୍ଚଳବାସୀ ଅନଶନରେ ବସିବାକୁ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

■୫ ବର୍ଷ ହେଲା ନାହାନ୍ତି ସ୍ଥାୟୀ ଡାକ୍ତର

■ମିଳିପାରୁନି ଆମ୍ବୁଲାନ୍ସ ସୁବିଧା

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ପ୍ରହସନ

ବାଲିକୁଦା,୧୭।୮(ସ୍ୱ.ପ୍ର.)

ଶନିବାର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ଓରମାସ ଓ ଓଡ଼ିଶା ଜୀବିକା ମିଶନ ମିଳିତ ଆନୁକୂଲ୍ୟରେ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୬୮୨ ଜଣ ବେକାର ଯୁବତୀ ଯୁବକ ଅଂଶଗ୍ରହଣ କରି ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୨୨ ଜଣଙ୍କୁ ଶିବିରରେ ଉପସ୍ଥିତ ସଂସ୍ଥାଗୁଡିକ ପକ୍ଷରୁ ଚୟନ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ ମୁଖ୍ୟବକ୍ତା, ଏବିଡିଓ ଅଜୟ କୁମାର ବେହେରା, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ସତ୍ୟସୁନ୍ଦର ଶିବରାମ ପାଇଟାଳ, ପ୍ରଭାତ କୁମାର ଦାଶ, ଜିଲା ସଂଯୋଜକ(ନିଯୁକ୍ତି) ପବିତ୍ର କୁମାର ସ୍ୱାଇଁ, ଓଡିଶା ଜୀବୀକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରତାପରୁଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଜୀବୀକା ମିଶନ ସଂଯୋଜିକା ପ୍ରୀତିମୟୀ ମହାନ୍ତି, ରାଜଲକ୍ଷ୍ମୀ ସ୍ୱାଇଁ, ଶ୍ରୁତି ସରିତା ସ୍ୱାଇଁ ଶିବିର ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପ୍ରତିବର୍ଷ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ହେଉଥିଲେ ମଧ ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେ ଏହା ମାଧମରେ ନିଯୁକ୍ତି ପାଇନାହାନ୍ତି। ଫଳରେ ଏହି ଶିବିର ଏକ ପ୍ରକାର ଭେଳିକିରେ ପରିଣତ ହୋଇଛି। ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏଭଳି ଶିବିର ଆଳରେ କେବଳ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି। ତେଣୁ ଏଭଳି କାର୍ଯ୍ୟକ୍ରମ ଉପରୁ ସମସ୍ତଙ୍କ ଭରସା ତୁଟିବାକୁ ବସିଥିବା ଆଲୋଚନା ହେଉଛି।

## ପୋଲିସର ଏକପାଖିଆ କାର୍ଯ୍ୟକୁ ବିରୋଧ

# ବିଟ୍ ହାଉସ ଘେରିଲେ ଗ୍ରାମବାସୀ

ରଘୁନାଥପୁର, ୧୭।୮ (ଡି.ଏନ.ଏ.)

କିଶନନଗର ଥାନା ମାହାଳହାଟ ବିଟ୍ ହାଉସ ସମ୍ମୁଖରେ ଶୁକ୍ରବାର ରାତିରେ ପୋଲିସର ଏକ ପାଖିଆ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଗ୍ରାମବାସୀ ହୋହଲ୍ଲା କରିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ବସି ରହିଥିଲେ। ପ୍ରକାଶ ଯେ, ଗୁରୁବାର ରାତିରେ ସ୍ଥାନୀୟ ଉତ୍ତରକୂଳ ଛକ ନିକଟରେ ବାବୁଜଙ୍ଗ ଗାଁର ୩ ଜଣ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ଜଣେ ଯୁବକଙ୍କ ସହ ସାଇଡ ଦେବାକୁ ନେଇ ବଚସା ହୋଇଥିଲା। ଏହାପରେ ବାଇକ୍‌ରେ ଯାଉଥିବା ୩ ଜଣ ଯୁବକଙ୍କୁ ସ୍ଥାନୀୟ ଗାଁର ଯୁବକମାନେ ପେଲି ଦେବାରୁ ସେମାନେ ତଳେ ପଡି ଖଣ୍ଡିଆ ଖାବରା ହୋଇଥିଲେ। ଏ ସମ୍ପର୍କରେ ବାବୁଜଙ୍ଗ ଗାଁର ସମ୍ବିତ ରାୟ ରାତି ୧୦ଟାରେ ବିଟ୍ ହାଉସରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ଉତ୍ତରକୂଳ ଗାଁର ରାକେଶ ରାଉତଙ୍କ ପକ୍ଷରୁ ରାତି ୧୨ଟାରେ ଏକ ଅଭିଯୋଗପତ୍ର ଫାଣ୍ଡି ଅଧିକାରୀ ବାବୁଲି ଚରଣ ପ୍ରଧାନଙ୍କୁ ଦିଆଯାଇଥିଲା। ତେବେ ଅଧିକାରୀ ପ୍ରଧାନ ପ୍ରଥମ ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତ ରାକେଶଙ୍କୁ କଟକରେ ଥିବା କର୍ମକ୍ଷେତ୍ରରୁ ଉଠାଇ ଆଣି ନଂ. ୮୬/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ଉକ୍ତ ଖବର ମିଳିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସର ମନମୁଖି କାର୍ଯ୍ୟକୁ ବିରୋଧ କରି ଶତାଧିକ ଗ୍ରାମବାସୀ ବିଟ୍ ହାଉସ ସମ୍ମୁଖରେ ଏକଜୁଟ ହୋଇ ହୋହଲ୍ଲା କରିବା ସହ ବସି ରହିଥିଲେ। ବିଳମ୍ବିତ ରାତିରେ ଆଇଆଇସି ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆସନ୍ତା ୨ରୁ ୩ ଦିନ ପରେ ଉଭୟପକ୍ଷଙ୍କ ଅଭିଯୋଗ ଶୁଣିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। କାଉଣ୍ଟର ଏଫଆଇଆର ସତ୍ୟତା ନ ଥିବା ସମ୍ପର୍କରେ ବିଟ୍ ହାଉସ ଅଧିକାରୀ ପ୍ରଧାନ ପ୍ରକାଶ କରିଥିବା ବେଳେ ମାମଲା ଅତ୍ୟନ୍ତ ଗୁରୁତର ନ ଥିବା ଏବଂ ଉଭୟପକ୍ଷଙ୍କୁ ଡାକି ଏହାର ସମାଧାନ କରାଯିବ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ସେକ୍ସ ର୍ୟାକେଟରେ ଧରାପଡ଼ିଲେ ମହିଳା, ଯୁବକ

ଛତିଆ,୧୭।୮ (ଡିଏନ୍ଏ)- ବୈରୀ ଥାନା ଛତିଆ ବିଟ୍ ହାଉସ୍ ଅଧୀନ ଗୋପପୁର ଛକରେ ଥିବା ଜଣଙ୍କ ଘର ଉପରେ ଶୁକ୍ରବାର ରାତିରେ ବୈରୀ ପୋଲିସ ଚଢ଼ାଉ କରି ଅସଂଜତ ଅବସ୍ଥାରେ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଗୋପପୁର ଛକ ନିକଟରେ ଦୀର୍ଘ ଦିନ ହେବ ଜଣଙ୍କ ଘରେ ଅନୈତିକ କାର୍ଯ୍ୟ ହେଉଥିବା ବୈରୀ ଆଇଆଇସି ନିରଞ୍ଜନ ଶବର ଜାଣିବା ପରେ ଉକ୍ତ ଘର ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଶୁକ୍ରବାର ରାତି ୨ଟାରେ ଉକ୍ତ ଘରେ ପୋଲିସ ଚଢ଼ାଉ କରିବାରୁ ଢେଙ୍କାନାଳ ଜିଲା ରାସୋଲ ଥାନା ଈଶ୍ୱରପାଳ ଗ୍ରାମର ଜଣେ ସ୍ତ୍ରୀ ଲୋକ (୩୩) ସହିତ ବୈରୀ ଥାନା ଅଧୀନ ନେଳିଆ ପଞ୍ଚାୟତ ପଦ୍ମନାଭପୁର ଗ୍ରାମର କୃଷ୍ଣଚନ୍ଦ୍ର ରାଉତ (୨୮)ଙ୍କୁ ଅସଂଜତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ପୋଲିସ କାବୁ କରି ଏକ ମାମଲା (ନଂ.୧୧୮/୧୯) ରୁଜୁ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରିବା ସହିତ ପୋଲିସ ସେମାନଙ୍କୁ ଚଣ୍ଡିଖୋଲ କୋର୍ଟରେ ହାଜର କରିଥିଲା। ଉକ୍ତ ଚଢ଼ାଉରେ ଏସ୍ଆଇ ଜଗଦିଶ କର, ବିଶ୍ୱଜିତ୍ ବିଶ୍ୱାଳ, ଏଏସ୍ଆଇ ଅଯୋଧା ନାୟକ, ଅନୀଲ ସାହୁ, କନଷ୍ଟେବଲ ବାଡେନ୍ ଟୁଡୁ, ବ୍ରହ୍ମାନନ୍ଦ ସ୍ୱାଇଁ, ସୋମନାଥ ପଲେଇ, ବୈଜୟନ୍ତୀ ବାଲା ପ୍ରମୁଖ ସାମିଲ ଥିଲେ। ଏହି ଘଟଣାରେ ଆହୁରି ଅନେକ ଜଣ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ପୋଲିସ ଏହା ଉପରେ ଅଧିକ ତଦନ୍ତ ଜାରି ରଖିଛି।

### ବିଧାୟିକାଙ୍କ ଦ୍ୱାରା ଚାରାରୋପଣ

ବରୀ ୧୭।୮ (ସ୍ୱ.ପ୍ର) - ବରୀ ବ୍ଲକ ଅଧୀନ ରାଜତୋଟାସ୍ଥିତ ଉଷାରାୟ ବହୁମୁଖୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବରୀ ବିଧାୟିକା ସୁନନ୍ଦା ଦାସ ଚାରାରୋପଣ କରିଛନ୍ତି। ଏଥିରେ ଇକୋ କ୍ଲବ ଓ ସ୍କାଉଟ୍ ଗାଇଡ ପକ୍ଷରୁ ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡାଙ୍କ ନେତୃତ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ଚାରା ଛାତ୍ରୀଙ୍କ ଦ୍ୱାରା ରୋପଣ କରାଯାଇଥିଲା। ପରେ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାମୟୀ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଦେବେନ୍ଦ୍ର ଦାସ, ସରପଞ୍ଚ ସନ୍ତୋଷ ସାମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅଶୋକ ସାମଲ ଅତିଥି ପରିଚୟ ସାମାଜିକ କର୍ମୀ ନିର୍ମଳ ଦାସ ଧନ୍ୟବାଦ ଦେଇଥିଲେ।

■ ନିର୍ମାଣ ଶ୍ରମିକଙ୍କୁ ମିଳିନି ଯନ୍ତ୍ରପାତି କ୍ରୟ ସହାୟତା ରାଶି

# ୨୦ରେ ଆନ୍ଦୋଳନ ଚେତାବନୀ

ଯାଜପୁର ରୋଡ,୧୭।୮ (ନି.ପ୍ର)

ସରକାରଙ୍କ ଯୋଜନା ଅନୁଯାୟୀ ୩୩୨ଜଣ ନିର୍ମାଣ ଶ୍ରମିକ ଯନ୍ତ୍ରପାତି କ୍ରୟ କରିଥିଲେ ହେଁ ଉକ୍ତ ଯନ୍ତ୍ରପାତି ବିଲ୍‌କୁ ଯାଜପୁର ରୋଡ ଉପ-ଆୟୁକ୍ତ ବାଣିଜ୍ୟକର ବିଭାଗ ଅନୁମୋଦନ କରି ନାହିଁ। ଫଳରେ ଶ୍ରମିକ ସେମାନଙ୍କ ପ୍ରାପ୍ୟ ପାଇବାରେ ବାଧକ ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ ଜିଲାପାଳଙ୍କଠାରୁ ଅର୍ଥ ସଚିବ ଓ ଅତିରିକ୍ତ ଶ୍ରମ ଆୟୁକ୍ତଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ନାହିଁ। ଆସନ୍ତା ୨୦ରେ ଯାଜପୁରରୋଡ ଉପ-ଆୟୁକ୍ତ, ବାଣିଜ୍ୟକର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନିର୍ମାଣ ଶ୍ରମିକ ସଂଘ ସଭାପତି ବିଦ୍ୟାଧର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୩୨୨ଜଣ ନିର୍ମାଣ ଶ୍ରମିକ କ୍ରୟ କରିଥିବା ଯନ୍ତ୍ରପାତିରେ ସହାୟତା ରାଶି ପାଇବା ନିମନ୍ତେ ଯାଜପୁର ରୋଡରେ ଥିବା ଜିଲା ଶ୍ରମ କାର୍ଯ୍ୟାଳୟରେ ବିଲ୍ ପୈଠ କରିଥିଲେ ମଧ୍ୟ ସେମାନଙ୍କୁ ୨ବର୍ଷ ହେଲା ପ୍ରାପ୍ୟ ମିଳିପାରି ନାହିଁ। ଏଥିରେ ବାଣିଜ୍ୟକର ବିଭାଗ କାର୍ଯ୍ୟାଳୟ ବାଧକ ସାଜିଛି। ତେବେ ନିର୍ମାଣ ଶ୍ରମିକ ବିଲ୍‌ଗୁଡିକ ଯାଞ୍ଚ କରିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗତ ୩୦।୧।୧୯ରେ ଅର୍ଥ ରାଶି ପୈଠ କରିବା ଲାଗି ସିଦ୍ଧାନ୍ତ ନିଆଯାଇଥିଲା। କିନ୍ତୁ ବାଣିଜ୍ୟକର ବିଭାଗ ସ୍ୱୀକୃତି ନ ଦେବାରୁ ହିତାଧିକାରୀ ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ପ୍ରତିବାଦରେ ନିର୍ମାଣ ଶ୍ରମିକ ସଂଘ ଉପ ଆୟୁକ୍ତ ବାଣିଜ୍ୟକର ଯାଜପୁର ରୋଡ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ମାହାନ୍ତି ଓ ନିର୍ମାଣ ଶ୍ରମିକ ନେତା ପରମାନନ୍ଦ ସେଠୀ ସୂଚନା ଦେଇଛନ୍ତି।

## ବିଜ୍ଞାନ ମେଳା, ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ରସୁଲପୁର,୧୭।୮ (ଡିଏନଏ)

ରସୁଲପୁର ବ୍ଲକ ମଧୁବନ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ବିଜ୍ଞାନ ମେଳା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରବି ନାରାୟଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମଲ, ପ୍ରଧାନ ଆଚାର୍ଯ୍ୟ ସଂଜୟ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହେନ୍ଦ୍ର ଗୁରୁଜୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଗୁରୁଜୀ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ମେଳାରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ଏଥିସହ ବିଦ୍ୟାଳୟର ୩ୟରୁ ୮ମ ମଧ୍ୟରେ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ସଂସ୍କୃତି ଜ୍ଞାନ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ ଆଦିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୧୫୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଚାରିପଦ ଥେଲା କି ନ ଥେଲା,**
**ଗୀତ ଚାରିପଦ ଥେଲା;**
**ଯୋଉ ଦିନୁଁ ଡେଇଁଲି ବାପଘର ଗାଁ,**
**ସବୁ ତ ପାସୋର ଗଲା।**

ବାପଘରେ ଝିଅଟି ବେଶ୍ ଅଲିଅଳରେ ବଢ଼ିଥାଏ। ପରନ୍ତୁ ବୋହୂ ହୋଇ ଶାଶୁଘରକୁ ଆସିଲେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ। ଘରସଂସାର କରିବା ଭିତରେ ସେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାଏ। ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ମନରୁ ସେସବୁ ପାସୋରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଢଗ ମେଲୁଛି, ନାକ ଫୁଲୁଛି;**
**ନାକର ବସଣି ହଲଉ ଅଛି।**

ଥଟାପରିହାସ ବେଳେ ବା ଛିଗୁଲେଇ କରି କଥା କହିବା ବେଳେ ବିଭିନ୍ନ ପ୍ରକାର ଅଙ୍ଗିଭଙ୍ଗି ଦେଖାଇଥାନ୍ତି। ସାଧାରଣତଃ ଗାଁଗଣ୍ଡାରେ ରହୁଥିବା ମହିଳାମାନେ ଅନ୍ୟକୁ ଆକ୍ଷେପ କଲାବେଳେ ମୁହଁ ଛିଞ୍ଚାଡ଼ି ହୋଇ କଥା କହିଥାନ୍ତି। ଏପରିସ୍ଥଳେ ତାଙ୍କ ମୁହଁର ଆକୃତି ବଦଳିଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ଲଗାଇବା ଚାରା, ହସିବ ଧରା' ଆଲୋଚନାଚକ୍ର

ରସୁଲପୁର,୧୭।୮ (ଡିଏନଏ)

ରସୁଲପୁର ବ୍ଲକ ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ବୃକ୍ଷରୋପଣକୁ ନେଇ 'ଲଗାଇବା ଚାରା, ହସିବ ଧରା' ସମ୍ପର୍କିତ ଏକ ଆଲୋଚନାଚକ୍ର ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ଯାଜପୁର ବନ ବିଭାଗ ସେକ୍ସନ ଅଫିସର ସଚ୍ଚିକାନ୍ତ ବେହେରା, ପରିବେଶବିତ୍ ଧର୍ମେନ୍ଦ୍ର କୁମାର କର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ଯେନା, ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ମଞ୍ଜିକୁ ବ୍ୟବାହର କରି ସିଡବଲ ଉପାୟକୁ ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ନେଇ ବିଦ୍ୟାଳୟର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡବଲକୁ କାର୍ଯ୍ୟକାରୀ କରିବା ଦିଗରେ ଆଗ୍ରହୀ ଓ ସଫଳ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଏଥିସହ ଉପସ୍ଥିତ ସମ୍ମଳ ଅଧିକାରୀମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ବସନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ୱାରେଣ୍ଟି ଗିରଫ

କଳିଙ୍ଗନଗର,୧୭।୮ (ଡି.ଏନ.ଏ)

ଦାନଗଦି ଫାଣ୍ଡି ଅର୍ନ୍ତଗତ ଗୋଡି ଗୋଠ ଗ୍ରାମରୁ ଶୁକ୍ରବାର ବିଳମ୍ବିତ ରାତିରେ ୫ଜଣ ୱାରେଣ୍ଟିଙ୍କୁ ପୁରୁଣା ମାମଲାରେ ଦାନଗଦି ଫାଣ୍ଡି ପୋଲିସ ଗିରଫ କରିଛି। ସେମାନେ ହେଲେ ବାଣି ଜେନା ,ଶାସ୍ତ୍ରୀ ଜେନା, କୁଟିର ଜେନା, ଟିମା ଜେନା, କାଳନ୍ଦି ମଳିକ। ଏମାନଙ୍କ ନାମରେ ପୂର୍ବରୁ ବହୁ ମାମଲା ଥିବାରୁ ପୋଲିସ ସେମାନଙ୍କୁ ଦୀର୍ଘଦିନ ହେଲା ଖୋଜୁଥିଲା। ଶୁକ୍ରବାର ଅଭିଯୁକ୍ତମାନେ ଘରେ ଥିବା ଖବରପାଇ ଦାନଗଦି ଫାଣ୍ଡି ଅଧିକାରୀ ସୌଭାଗ୍ୟ ନାୟକ ଚଢ଼ାଉ କରି ଏମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ, ସମ୍ବର୍ଦ୍ଧନା ଉତ୍ସବ

ଧର୍ମଶାଳା,୧୭।୮ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଗୁରୁବାର ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ତଥା ସରକାରୀ ଦଳର ଉପ ମୁଖ୍ୟସଚେତକ ପ୍ରଣବ କୁମାର ବଳବନ୍ତରାୟ ପତାକା ଉତ୍ତୋଳନ କରଥିଲେ। ସ୍ୱାଧିନତା ଦିବସ ପାଳନ କମିଟି ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସଭାପତିତ୍ୱ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅବସରପ୍ରାପ୍ତ ଶିକ୍ଷକ ଜନାର୍ଦ୍ଦନ ମହାରଣାଙ୍କୁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ କଲେଜର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଟ୍ରିକ୍ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ଦେବାଶିଷ ମହାନ୍ତି, ସତ୍ୟପ୍ରିୟ ବେହେରା, ରୋଜାଲିନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ୟାରେଡରେ ବିବେକାନନ୍ଦ ଶିକ୍ଷା ନିକେତନ ପ୍ରଥମ, ଜାରକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଗୁରୁକୁଳ ପବ୍ଲିକସ୍କୁଲ ତୃତୀୟ ଓ ପ୍ରଜ୍ଞାପନ ମେଡ ପ୍ରତିଯୋଗିତାରେ ବିବେକାନନ୍ଦ ଶିକ୍ଷା ନିକେତନ ପ୍ରଥମ, ଭେଙ୍କଟେଶ୍ୱର ସ୍କୁଲ ଦ୍ୱିତୀୟ, ଗୁରୁକୁଳ ସ୍କୁଲ ତୃତୀୟ ଓ ଧର୍ମଶାଳା ବାଣୀପୀଠ ସ୍କୁଲ ଏନ୍‌ସିସି କ୍ୟାଡେଟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଡିଓ ହେମନ୍ତ କୁମାର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରିୟନାଥ ମହାପାତ୍ର, କସ୍ତୁରୀ ଜେନା, ଜୟପ୍ରକାଶ ତ୍ରିପାଠୀ, ସୁବାଷ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚ ଓ ପ୍ୟାରେଡ ପରିଚାଳନାରେ ସହାୟତା କରିଥିଲେ । ସମିତି ସଭ୍ୟ ଜଳଧର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ପୁରସ୍କୃତ

କାଳିଆପାଣି,୧୭।୮ (ଡିଏନଏ)

ସ୍ୱାଧିନତା ଦିବସ ଉପଲକ୍ଷେ ବିଶ୍ୱ କଳିଙ୍ଗ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଅଗଷ୍ଟ ୧୫ରେ କାଳିଆପାଣି ହାଇସ୍କୁଲରେ ବିଶ୍ୱ କଳିଙ୍ଗ ଫାଉଣ୍ଡେଶନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ତିନି ବିଭାଗ କରାଯାଇ ସ୍ୱାଧିନତା ଦିବସ ସମ୍ବନ୍ଧରେ ବକ୍ତୃତା, ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଶ୍ୱ କଳିଙ୍ଗ ଫାଉଣ୍ଡେଶନ ନିର୍ଦ୍ଦେଶକ ପଲ୍ଲବୀ ପ୍ରତିଶ୍ରୁତି ନାୟକଙ୍କ ନିର୍ଦ୍ଦେଶକ୍ରମେ ଉପଦେଷ୍ଟା ପ୍ରତାପ କିଶୋର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା କରାଯାଇ ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଚୟନ କରାଯାଇଥିଲା। ସଂସ୍ଥାର ସମ୍ପାଦିକା ତଥା ପରିବେଶବିତ ପ୍ରଣତି ପ୍ରୀତିନନ୍ଦା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ଯାଜପୁର ରୋଡ୍,୧୭।୮ (ନି.ପ୍ର)

ବ୍ୟାସନଗର ସହର କନ୍ହେଇପୁରଠାରେ ବ୍ୟାସଦେବ ମଣ୍ଡଳ ସଦସ୍ୟତା ପ୍ରଭାରୀଙ୍କ ବାସଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ୟାସଦେବ ମଣ୍ଡଳ ଭାଜପା ସଭାପତି ନିତ୍ୟାନନ୍ଦ ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଚନ୍ଦ୍ରଶେଖର ପଣ୍ଡା ଓ ସଦସ୍ୟତା ପ୍ରଭାରୀ ଗୁଣନିଧି ଗୁରୁ, ପୂର୍ବତନ ମଣ୍ଡଳ ସଭାପତି ବିଜୟ କୁମାର ପଣ୍ଡା ପ୍ରମୁଖ ବାଜପେୟୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ବ୍ୟାସଦେବ ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରେ ରାଜ୍ୟ ବିସ୍ତାରକ ଟୁଲଟୁଲ ଜେନା, ହରିଜନ ମୋର୍ଚ୍ଚାର ସଭାପତି ନିରଞ୍ଜନ ପେରେଇ, ସଂଖ୍ୟାଲଘୁ ସେଲର ସଭାପତି ଅଲେ ଜହିର ଖାନ୍, ଯୁବନେତା ଅସିତ କୁମାର ଦାସ, ପ୍ରଶାନ୍ତ ବୋଇତାଇ, ବୁଥ ସଭାପତି ଗଣେଶ ମାଝୀ, ସଂଜୟ ମହାନ୍ତି, ଉପସଭାପତି ଯଶୋବନ୍ତ ମଲ୍ଲିକ, ସଦସ୍ୟତା ପ୍ରମୁଖ ସରୋଜ କୁମାର ଦେ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସବିତା ଖୁଣ୍ଟିଆ, ମହିଳା ମୋର୍ଚ୍ଚାର ସାଧାରଣ ସଭାପତି ମିଲି ମହାଳିକ, ପୁକୁଲ ଦାସ, କାହ୍ନୁଚରଣ ଜେନା, ବରିଷ୍ଠ ନେତା ବ୍ରହ୍ମାନନ୍ଦ ପତ୍ରୀ ପ୍ରମୁଖ ଯୋଗଦାନ କରି ବାଜପେୟୀଙ୍କ ସ୍ମୃତି ଗାନ କରିଥିଲେ। ଶେଷରେ ଟୁଲଟୁଲ ଜେନା ଧନ୍ୟବାଦ ଦେଇଥିଲେ।

# କୁବେର ସମାଜ ପ୍ରତିଷ୍ଠା ଦିବସ

ଯାଜପୁର ରୋଡ,୧୭।୮ (ନି.ପ୍ର.)

ସ୍ଥାନୀୟ ଭିମସେନ ପ୍ୟାଲେସଠାରେ ଗୁରୁବାର ଯାଜପୁର ରୋଡ କୁବେର ସମାଜ ପକ୍ଷରୁ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। କୁବେର ସମାଜ ସଭାପତି ହୃଷୀକେଶ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁମୋହନ ସାହୁ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗୋପାଳ ସାହୁ, ନରେନ୍ଦ୍ର ଖୁଣ୍ଟିଆ, ଶିଶିର ସାହୁ, ଦିନେଶ ସାହୁ, ପ୍ରଭାତ ସାହୁ, ଘନ ସାହୁ ପ୍ରମୁଖ ଯୋଗ ଦେଇ କୁବେରମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଆସନ୍ତା ଜାନୁୟାରୀରେ ବାର୍ଷିକ ଉତ୍ସବ ପାଳନ କରାଯିବା ପାଇଁ ରୁପରେଖ ସ୍ଥିର କରାଯାଇଛି।

# ସ୍ୱାଧୀନତା ଦିବସରେ ରକ୍ତଦାନ ଶିବିର

ଧର୍ମଶାଳା,୧୭।୮ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଓ ଇନରହ୍ୱିଲ୍ କ୍ଲବ ଜାରକା ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ଅବସରରେ ଜାରକା ହାଇସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଅବସରପ୍ରାପ୍ତ ସିଡିଏମ୍‌ଓ ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, ପ୍ରଧାନ ଶିକ୍ଷକ ବିରବର ବେହେରା ଯୋଗଦେଇଥିଲେ। ରୋଟାରୀ କ୍ଲବ ସଭାପତି ଅଜାମ୍ବର ସାହୁ, ସମ୍ପାଦକ ହରିହର ପଣ୍ଡା, ଇନରହ୍ୱିଲ୍ ସଭାପତି କଳ୍ପନା ପରିଡା ଓ ସମ୍ପାଦିକା ଲୋପାମୁଦ୍ରା ସେଣ୍ଠଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ରୋଟାରୀ କ୍ଲବ ସଭାପତି ପ୍ରଦୀପ୍ତ ବରାଳ, ଜୟନ୍ତ ସାହୁ, ବିନୋଦ ପରିଡା, ନିରଞ୍ଜନ ପାଣିଗ୍ରାହୀ, ସୁକାନ୍ତ ସ୍ୱାଇଁ, ରବି ନାରାୟଣ ସାହୁ, ତ୍ରିଲୋଚନ ବିଶ୍ୱାଳ, ଜୟପ୍ରକାଶ ତ୍ରିପାଠୀ, ଅବସରପ୍ରାପ୍ତ ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁ, ବିପିନ କିଶୋର ଷଡଙ୍ଗୀ, ଅମୂଲ୍ୟ କୁମାର ମହାରଣା, ଅକ୍ଷୟ କୁମାର ମିଶ୍ର, ଓ ଇନରହ୍ୱିଲ୍ ପକ୍ଷରୁ ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରୋଜାଲିନ୍ ବରାଳ, ଅର୍ଚ୍ଚନା ସ୍ୱାଇଁ, ଅଜନ୍ତା ପାଣିଗ୍ରାହୀ, ଉପାସନା ଶତପଥୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କଟକ ସେଣ୍ଟ୍ରାଲ୍ ରେଡ୍‌କ୍ରସ ପକ୍ଷରୁ ଡ. ଚନ୍ଦ୍ରିକା ପ୍ରସାଦ ଶତପଥୀ ଓ ଟିମ୍ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi




ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
- କଠୋପନିଷଧ



## ସଂକ୍ଷେପରେ

### ସାମାଜିକ ଗଣ ମାଧ୍ୟମ ସମ୍ପର୍କିତ ଆଲୋଚନା ଚକ୍ର

**ଚଣ୍ଡିଖୋଲ,୧୭।୮(ଡି.ଏନ୍.ଏ):** ଯୁବ ଗୋଷ୍ଠୀ ବର୍ତ୍ତମାନ ସୋସିଆଲ ମିଡିଆ ବା ସାମାଜିକ ଗଣ ମାଧମ ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ପ୍ରାୟତଃ ଯୁବ ପୀଢ଼ି ଏହାକୁ ଯେତିକି ପରିମାଣରେ ବ୍ୟବହାର କରୁଛନ୍ତି ତାର ସକରାତ୍ମକ ଦିଗ ପ୍ରତି ଧ୍ୟାନ ଦେଉ ନାହାନ୍ତି। ଯଦି ଆମେ ସାମାଜିକ ଗଣମାଧମକୁ ଉଚିତ ଢଙ୍ଗରେ ବ୍ୟବହାର କରିପାରିବା ତେବେ ତାହା ଦେଶ ଓ ଜାତିର ଉନ୍ନତିରେ ସହାୟକ ହୋଇପାରିବ ବୋଲି ଯୁବ ଆଇନଜୀବୀ ଆଦିତ୍ୟ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଶନିବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକ ପୀଠରେ ସଂଜୟ ସିଂହଙ୍କ ପୌରହିତ୍ୟରେ ଯୁବ ଓ ଛାତ୍ର ମାନଙ୍କୁ ନେଇ ଏକ ସାମାଜିକ ଗଣମାଧ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଶତପଥୀ ଯୋଗଦେଇ ସୋସିଆଲ ମିଡିଆର ବ୍ୟବହାର ଓ ତାର ଉପକାରିତା ଉପରେ ଯୁବ ଓ ଛାତ୍ରମାନଙ୍କୁ ଉପଦେଶ ଦେବା ସହିତ 'ଡିଜିଟାଲ ବଡ଼ଚଣାକୁ' ଲୋକାର୍ପିତ କରିଥିଲେ। ଅନ୍ୟତମ ଅତିଥିଭାବେ ଆମେରିକାରେ ରହୁଥିବା ଯୁବ ଇଞ୍ଜିନିୟର ଅମରେଶ ମହାପାତ୍ର ଯୋଗଦେଇ ଡିଜିଟାଲ ସେବାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଜଟିନ୍ଦ୍ର ନାୟକ, ସୋସିଆଲ ମିଡିଆ ସଂଯୋଜକ ଦୀପକ ସାହୁ, ଆଇନଜୀବୀ ଶିରିଶ ସାମଲ ପ୍ରମୁଖ ଯୋଗଦେଇ ଡିଜିଟାଲ ବଡଚଣା ଉପରେ ନିଜନିଜର ମତ ରଖିଥିଲେ।

### ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳିତ

**ଚଣ୍ଡିଖୋଲ,୧୭।୮(ଡି.ଏନ୍.ଏ):** ବିଶିଷ୍ଟ ରାଷ୍ଟ୍ର ନାୟକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଏକାଦଶାହ ଅବସରରେ ବଡ଼ଚଣା ଭାଜପା ପକ୍ଷରୁ ବଡ଼ଚଣାସ୍ଥିତ ଦୁର୍ଗା ମଣ୍ଡପଠାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପାର ରାଜ୍ୟ ପରିଷଦ ସଭ୍ୟ ଉଦୟ ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ପୂର୍ବତନ ମଣ୍ଡଳ ସଭାପତି ନାରାୟଣ ଚନ୍ଦ୍ର ସାମଲ, ରମାକାନ୍ତ ଖୁଣ୍ଟିଆ, ବିଜୟ କୁମାର ସାହୁ, କିଶୋର କୁମାର ବାରିକ, ଧନେଶ୍ୱର ସାହୁ, ଅମିତ ମହାନ୍ତି, ବଟକୃଷ୍ଣ ପ୍ରତାପ ପ୍ରମୁଖ ଯୋଗ ଦେଇ ଉଭୟ ନେତାଙ୍କ ରାଷ୍ଟ୍ରପ୍ରତି ରହିଥିବା ତ୍ୟାଗପୂତ ଓ ସମର୍ପଣ ଭାବ ସମ୍ପର୍କରେ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାହ୍ୟ ମଳମୁକ୍ତ ପଞ୍ଚାୟତ ସୁନ୍ଦରିଆ

# ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି



- ଲୋକାୟୁକ୍ତ ନିକଟରେ ମାମଲା ରୁଜୁ
- ସରକାରୀ ତଥ୍ୟରେ ୯୨୬, ଆର୍‌ଟିଆଇ ତଥ୍ୟରେ ୭୨୭
- ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୪ଜଣଙ୍କ ବିରୋଧରେ ଅଭିଯୋଗ

**ଯାଜପୁର ଅଫିସ,୧୭।୮**

ଯାଜପୁର ଜିଲାରେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ସଂକ୍ରାନ୍ତରେ ଓଡିଶା ଲୋକାୟୁକ୍ତ ଆଇନ ଧାରା ୨୦ରେ ପ୍ରଥମ କରି ଏକ ମାମଲା ଦାଏର ହୋଇଛି। ଶନିବାର ଓଡ଼ିଶା ଲୋକାୟୁକ୍ତ ଅଧକ୍ଷଙ୍କ ନିକଟରେ ଏହି ମର୍ମରେ ହୋଇଥିବା ଅଭିଯୋଗରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍)ର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ମା' ତାରିଣୀ ଏସ୍‌ଏଚ୍‌ଜି, ରାଧାକୃଷ୍ଣ ଏସ୍‌ଏଚ୍‌ଜି ଓ ମା' ମଙ୍ଗଳା ଏସ୍‌ଏଚ୍‌ଜିର ସଭାପତିଙ୍କୁ ପକ୍ଷଭୁକ୍ତ କରାଯାଇଛି। ସାମାଜିକ କର୍ମୀ ସର୍ବେଶ୍ୱର ବେହୁରାଙ୍କ ଦ୍ୱାରା ଅଭିଯୋଗରେ ଦର୍ଶାଯାଇଛି ଯେ, ୧୭।୮।୨୦୧୭ରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ସୁନ୍ଦରିଆ ଗ୍ରାମ ପଞ୍ଚାୟତକୁ ରାଜ୍ୟ ସରକାର ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୂଚନା ଅଧିକାର ଆଇନ ବଳରେ ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ସରକାରୀ ଭାବେ ସୁନ୍ଦରିଆ ପଞ୍ଚାୟତର ଫତେପୁର, ହରଦେଇପୁର, ପ୍ରତାପପୁର, ସରେଇ, ଷେଣ୍ଢାପୁର, ସୁନ୍ଦିରଆ ଓ ତରାପୁର ଗ୍ରାମରେ ୯୨୬ଟି ପାଇଖାନା ନିର୍ମାଣ ହୋଇଥିବା ଦର୍ଶାଯାଇଥିଲା। କିନ୍ତୁ ବାସ୍ତବରେ ଉପରୋକ୍ତ ୩ଟି ସ୍ୱୟଂ ସହାୟକ ଦଳ ଜରିଆରେ ୭୨୭ଟି ନିର୍ମାଣ ହୋଇଥିବା ସୂଚନା ଅଧିକାର ଆଇନରେ ଜଣାପଡିଛି। ଉଭୟ ତଥ୍ୟରେ ତାଳମେଳ ରହୁ ନ ଥିବାରୁ ୧୯୯ଟି ପାଇଖାନାର ହିସାବ ମିଳୁନାହିଁ ବୋଲି ସେତେବେଳେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ଏହି ଅନିୟମିତତା ଓ ଆତ୍ମସାତ ଅଭିଯୋଗ ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନ ପତ୍ରରେ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ ଯେ, ପରିମଳ ଅଧିକ ଜରୁରୀ ଭଳି ବଡ଼ବଡ଼ ଭାଷଣ ଜିଲାରେ ମାତ୍ର ସ୍ଲୋଗାନ ହୋଇଛି। ବାସ୍ତବରେ କେତେକ ଜନପ୍ରତିନିଧିଙ୍କ ପ୍ରତ୍ୟକ୍ଷ ସହଯୋଗରେ ଦୁର୍ନୀତିଗ୍ରସ୍ତ ଅଧିକାରୀ, ଯନ୍ତ୍ରୀ କେବଳ ଯୋଜନାର ଅର୍ଥ ଲୁଟିବାକୁ ଲାଗି ପଡ଼ିଛନ୍ତି। ୨୦୧୭ ଅଗଷ୍ଟ ୧୭ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଜିଲା ଜଳ ଓ ପରିମଳ ମିଶନ ଏବଂ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଖୋଲା ମଳମୁକ୍ତ ପଞ୍ଚାୟତ ଗଠନ ଅଭିଯାନ ମାଧ୍ୟମରେ ଜିଲାସ୍ତରୀୟ ଫୋକସ୍-୧୦୦୦ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ୧୨ଟି ପଞ୍ଚାୟତକୁ ଏଥିରେ ସାମିଲ କରାଯାଇଥିଲା। ସରକାର ଶୌଚାଳୟ ନିର୍ମାଣ ପାଇଁ ୧୨ହଜାର ଟଙ୍କାର ସହାୟତା ଦେଉଛନ୍ତି। ଜିଲା ପକ୍ଷରୁ କୌଣସି ଗ୍ରାମକୁ ବା ପଞ୍ଚାୟତକୁ ସଚେତନତା ଦ୍ୱାରା ସମ୍ପୂର୍ଣ୍ଣ ବାହ୍ୟମଳ ମୁକ୍ତ ଅଞ୍ଚଳ ଭାବେ ପରିଣତ କରିପାରିଲେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ, ଯୁବ ରେଡ଼କ୍ରସ୍ ସଂଗଠନକୁ ୧ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରିବାକୁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି କୌଣସି ପଞ୍ଚାୟତର ସମସ୍ତ ଗ୍ରାମ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ହେଲେ ସମ୍ପୃକ୍ତ ପଞ୍ଚାୟତକୁ ୨ଲକ୍ଷ ଓ ବ୍ଲକର ସମସ୍ତ ପଞ୍ଚାୟତ ବାହ୍ୟ ମଳମୁକ୍ତ ହେଲେ ସମ୍ପୃକ୍ତ ବ୍ଲକକୁ ୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ସହ ଜିଲାସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲାପାଳ ଘୋଷଣା କରିଥିଲେ। ଧର୍ମଶାଳା ବ୍ଲକର ପୂର୍ବତନ ଏମ୍‌ପି ସ୍ୱର୍ଗତ କଳ୍ପତରୁ ଦାସଙ୍କ ଆଦର୍ଶ ତଥା ସ୍ୱପ୍ନର ପଞ୍ଚାୟତ ସୁନ୍ଦୁରିଆ ମଧ ଏଥିରେ ସ୍ଥାନ ପାଇଥିଲା। ହେଲେ ଏହାର ବାସ୍ତବ ସ୍ଥିତି ଜାଣିବା ପାଇଁ ଜଳ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପାଖରୁ ଯେଉଁ ତଥ୍ୟ ମିଳିଛି ପ୍ରଶାସନର ଭାଷଣକୁ ତୁଳନା କଲେ ତାହା ବିଶ୍ୱାସଯୋଗ୍ୟ ହେଉ ନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଏହି ପଞ୍ଚାୟତର ୭ଟି ଗ୍ରାମରେ ୧୧୭୩ ପରିବାର ଥିବାବେଳେ ୯୨୬ଟି ପରିବାର ପାଇଖାନା ନିର୍ମାଣ କରିଛନ୍ତି। ହେଲେ ସୂଚନା ଅଧିକାର ତଥ୍ୟ ଅନୁସାରେ ଏଠକାର ୬ଟି ରାଜସ୍ୱ ଗ୍ରାମରେ ମାତ୍ର ୭୨୭ଟି ପାଇଖାନା ନିର୍ମାଣ କରାଯାଇଛି ଏବଂ ହିତାଧିକାରୀ ନାମ ତାଲିକାରେ ୫୫୪ ଜଣଙ୍କ ନାମ ରହିଛି। ଏସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ ସେ କହିଛନ୍ତି ପାଇଖାନା ନିର୍ମାଣରେ ଯଦି ଅନିୟମିତତା ହୋଇଥିବ ସେ ନେଇ ତଦନ୍ତ କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ।

### ଧର୍ମଶାଳା ତହସିଲ ପକ୍ଷରୁ ଉଚ୍ଛେଦ ଜାରି

**ଧର୍ମଶାଳା,୧୭।୮(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ଜାରକା ଓ ନେଉଳପୁର ବଜାରର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ନିର୍ମିତ ଦୋକାନଗୁଡିକୁ ତହସିଲ ପକ୍ଷରୁ ଶୁକ୍ରବାରଠାରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଶନିବାର ୨ୟ ଦିନରେ ପୂର୍ବ ନୋଟିସ ମୁତାବକ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ୨ପ୍ଲାଟୁନ ପୋଲିସ ଫୋର୍ସଙ୍କ ସହ ଜାରକା ଓ ନେଉଳପୁର ବଜାରର ଉଭୟ ପାର୍ଶ୍ୱରେ ଉଚ୍ଛେଦ କରିଛନ୍ତି। ଏଥିରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ମାଜିଷ୍ଟ୍ରେଟ ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ ନେତୃତ୍ୱ ନେଇଥିଲେ। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ରବିବାର ମଧ ଏହି ପ୍ରକ୍ରିୟା ଜାରି ରହିବା ସହ ଜାରକା ଗଳି ପୋଲଠାରୁ ବ୍ଲକ ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି ।

## 'ବଡ଼ଚଣାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା'



ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ଚଣା ବିଧାୟକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଚଣ୍ଡିଖୋଲ/ ଛତିଆ, ୧୭।୮(ଡି.ଏନ୍.ଏ)**

ବଡ଼ଚଣା ମାଟି ହେଉଛି ସଂଗ୍ରାମୀମାନଙ୍କ ମାଟି, ଯେଉଁଠି ସ୍ୱାଧୀନତା ସଂଗ୍ରାମୀମାନେ ଆନ୍ଦୋଳନ କରି ବିଭିନ୍ନ ସ୍ଥାନରେ ଡାକଘର, ଥାନା, ଅବକାରୀ ଦୋକାନ ପୋଡ଼ିବାସହ, ଗାଁ ଗାଁରେ ବୁଲି ବାର୍ତ୍ତା ପ୍ରଚାର କରୁଥିଲେ। ଏପରିକି ଏହି ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ କୃଷ୍ଣମୋହନ ରାଉତରାୟ ସଂଗ୍ରାମୀ ବାଘ ଭାବେ ସାରା ଓଡ଼ିଶାରେ ପରିଚିତ ଥିଲେ। ସେ ଓଡ଼ିଶାର ପ୍ରତିନିଧିତ୍ୱ କରିନାସିକ ଠାରେ କଂଗ୍ରେସର ମହାଅଧିବେଶନରେ ସାରଗର୍ଭକ ଭାଷଣ ଦେଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ସେମାନଙ୍କ ଅବଦାନ କିଛି କମ୍ ନ ଥିଲା ବୋଲି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରକାଶ କରିଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀନଙ୍କ ଭୂମିକା ସମ୍ପର୍କରେ ଗୁରୁବାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହା କହିଥିଲେ। ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ର ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଏମ୍‌ପି ରୀତା ତରାଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିନୋଦିନି ସାହୁ, ଗବେଷକ ମିହିର ପ୍ରତାପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭୁଷଣ୍ଡପୁର ସରପଞ୍ଚ ଯଜାତୀ କେଶରୀ ରାଉତ, ଚର୍ଣ୍ଣିତଳ ସରପଞ୍ଚ ମୋମିନ ଅଲୀ ଖାଁ, ସମିତି ସଭ୍ୟ ସୁବାଷ ଚନ୍ଦ୍ର ନାୟକ, ପ୍ରିୟନାଥ ପୃଷ୍ଟି ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨୦ ଲିଟର ଚୋରା ଡିଜେଲ ଜବତ, ଜଣେ ଗିରଫ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୭।୮(ଡି.ଏନ.ଏ)**

୫ ନଂ (କ) ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ନିକଟରେ ଏକ ଟ୍ୟାଙ୍କରରୁ ଚୋରା ଡିଜେଲ କାଢୁଥିବା ସମୟରେ ବାଲିଚନ୍ଦ୍ରପୁର ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଥାଉକି ପାରିପଲେଇ ଗ୍ରାମର ଦୀପ୍ତି ରଞ୍ଜନ ସିଂ ଜାତୀୟ ରାଜପଥ ଉପରେ ଶୁକ୍ରବାର ରାତିରେ ଏକ ଟ୍ୟାଙ୍କରରୁ ତେଲ କାଢୁଥିବା ସମୟରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨୦ଲିଟର ଚୋରା ଡିଜେଲ ଜବତ କରିଥିଲା। ତେଲ ଚୋରି କରିଥିବା ଅଭିଯୋଗରେ ପୋଲିସ ଏକ ମାମଲା(ନଂ. ୨୦୫/୧୯) ରୁଜୁ କରି ଦୀପ୍ତି ରଞ୍ଜନଙ୍କୁ କୋର୍ଟ ଚାଲାଣ କରିଛି।

### ୨୪ରେ ସରିବ +୨ ଶେଷ ପର୍ଯ୍ୟାୟ ଅନ୍‌ଲାଇନ ଆବେଦନ

**ଧର୍ମଶାଳା,୧୭।୮(ଡି.ଏନ୍.ଏ.)**

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ପାଠ୍ୟକ୍ରମ ଶେଷ ପର୍ଯ୍ୟାୟ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ ୨୪ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ନାମ ଲେଖାଇ ପାରି ନ ଥିବା ଛାତ୍ରୀଛାତ୍ରମାନେ ଏହି ସମୟସୀମା ମଧ୍ୟରେ ନାମ ଲେଖାଇବା ଲାଗି ବିଭିନ୍ନ କଲେଜରେ ଆବେଦନ କରିପାରିବେ। ଧର୍ମଶାଳା ବ୍ଲକରେ ୬ଗୋଟି ସରକାରୀ କଲେଜ ରହିଥିବାବେଳେ ୨ଟି ସଂସ୍କୃତ ମହାବିଦ୍ୟାଳୟ ଓ ୨ଗୋଟି ବେସରକାରୀ କଲେଜ ରହିଛି। ଏହି କଲେଜଗୁଡ଼ିକ ମଧ୍ୟରେ କୋଟପୁର ବଜ୍ରଗିରି କଲେଜରେ କଳାରେ ୮ଟି ଓ ବିଜ୍ଞାନରେ ୨ଗୋଟି ସିଟ ଖାଲି ରହିଛି । ସେହିପରି ଚଡେଇଧରାସ୍ଥିତ ଜଗନ୍ନାଥ ଜୀଉ କଲେଜରେ କଳାରେ ୧୮ ଓ ବିଜ୍ଞାନରେ ୪୭ ଗୋଟି ସିଟ ରହିଛି । ଜେନାପୁର କଲେଜରେ କଳାରେ ୬ ଗୋଟି ସିଟ ଖାଲିରହିଥିବା ବେଳେ ଧର୍ମଶାଳା କଲେଜରେ କଳାରେ ୪ଟି, ବିଜ୍ଞାନରେ ୯ ଓ ବାଣିଜ୍ୟରେ ୨୩ ଗୋଟି ସିଟ ଖାଲି ରହିଛି। ବଳରାମପୁର ମୁକୁନ୍ଦପାତ୍ର କଲେଜରେ କଳାରେ ୨ଟି ବିଜ୍ଞାନରେ ୫୪ଗୋଟି ସିଟ୍ ଖାଲି ରହିଛି। ଧର୍ମଶାଳା ମହିଳା କଲେଜରେ କଳାରେ ୨ ଗୋଟି ସିଟ ଖାଲି ରହିଛି। ସେହିପରି ଏହି ବ୍ଲକରେ ଅଧୀନରେ ଆସୁଥିବା ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ୩୮ ଏବଂ ସାରଦା ସଂସ୍କୃତ ମହାବିଦ୍ୟାଳୟରେ ୪୮ଗୋଟି ସିଟ୍ ଖାଲି ରହିଛି। ସେହିପରି ଏହି ବ୍ଲକର ଜାରକାଠାରେ ଥିବା ରେନେସାଁ ଘରୋଇ କଲେଜରେ ବିଜ୍ଞାନରେ ୧ଟି ସିଟ ଖାଲି ରହିଛି। ଗୋକର୍ଣ୍ଣିକା ଘରୋଇ କଲେଜରେ ବିଜ୍ଞାନରେ ୪୩ ଗୋଟି ସିଟ ଖାଲି ରହିଛି । ତେଣୁ ଏହି ବ୍ଲକର ବିଭିନ୍ନ କଲେଜରେ କଳାରେ ୪୪ଟି ବିଜ୍ଞାନରେ ୧୫୬ ଓ ବାଣିଜ୍ୟରେ ୨୩ଗୋଟି ସିଟ ଓ ସେହିପରି ସଂସ୍କୃତ ମହାବିଦ୍ୟାଳୟରେ ୮୬ଗୋଟି ସିଟ ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଅବେଦନ କରିପାରିବେ।

## ଶୋଭନୀୟ ଶିକ୍ଷାଶ୍ରମରେ ସ୍ୱାଧୀନତା ଦିବସ

**ଚଣ୍ଡିଖୋଲ,୧୭।୮(ଡି.ଏନ୍.ଏ)**

ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ, ଉଦୟଗିରିଠାରେ ୭୩ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ବାର୍ତ୍ତା ସମ୍ପାଦିକା ଅରୁନ୍ଧତୀ ଦେବୀ ପତାକା ଉତ୍ତୋଳନ କରି ଏକ ଅଖଣ୍ଡ ଭାରତ ସହ ମହାତ୍ମା ଗାନ୍ଧୀ ତଥା ଯେଉଁମାନେ ଦେଶର ସ୍ୱାଧୀନତା ଲାଭ ପାଇଁ ପ୍ରାଣବଳି ଦେଇଛନ୍ତି, ତାଙ୍କରି ତ୍ୟାଗ ଓ ଆଦର୍ଶକୁ ସାମ୍ନାରେ ରଖି ଦେଶସେବା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୟାନିଧି ରାଉତ ଯୋଗଦେଇ ଆଦର୍ଶ ଭାରତୀୟ ଭାବେ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ପ୍ରାର୍ଥନା, ପ୍ରଭାତ ଫେରି, ସଫେଇ, ପୁରସ୍କାର ବିତରଣ, ପରେଡ ଆଦି ଅନୁଷ୍ଠିତ ହେଇଥିଲା। ମିନତୀ ଦେବୀ, କେଦାରଲକ୍ଷ୍ମୀ ଦାସ ଉତ୍ସବ ପରିଚାଳନା କରିଥିଲାବେଳେ ମନୋରମା ଦେବୀ, ଜୟଶ୍ରୀ ଦାସ, ଇତିଶ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମ ଛାତ୍ରୀଛାତ୍ରମାନେ ବରଦା ଗୁରୁମା'ଙ୍କ ନେତୃତ୍ୱରେ ଜିଲାସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଠାରୁ ସିଲ୍, ପଦକ, ପ୍ରମାଣପତ୍ର ଗ୍ରହଣ କରି ପୁରସ୍କୃତ ହୋଇଥିଲେ।

## ଚୋରି ମୋବାଇଲ ଉଦ୍ଧାର, ଜଣେ ଗିରଫ

**ଧର୍ମଶାଳା,୧୭।୮(ଡି.ଏନ୍.ଏ.)**

ଧର୍ମଶାଳା ପୋଲିସ ଶନିବାର ମୋବାଇଲ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରିବା ସହିତ ୨ଟି ଚୋରା ମୋବାଇଲ ଜବତ କରିଛି। ଏହି ଥାନା ଅନ୍ତର୍ଗତ କୁଣ୍ଡପାଟଣା ଗ୍ରାମର ପ୍ରକାଶ ଚନ୍ଦ୍ର ସାହୁଙ୍କ ଘରୁ ତାଙ୍କର ୨ଟି ମୋବାଇଲକୁ ଉତ୍ତରପ୍ରତାପ ଗ୍ରାମର ଅଭିମନ୍ୟୁ ମଲିକ ଗତ ବୁଧବାର ଚୋରି କରିନେଇଥିଲେ। ଚୋରି ମୋବାଲକୁ ଅଭିମନ୍ୟୁ ବିକ୍ରି କରିବାକୁ ଯୋଗାଯୋଗ କରୁଥିବାବେଳେ ସ୍ଥାନୀୟ ଲୋକେ ଏହା ଜାଣି ପ୍ରକାଶଙ୍କୁ ଖବର ଦେଇଥିଲେ। ଏନେଇ ପ୍ରକାଶ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୮/୧୯) ରୁଜୁ କରି ଅଭିଯୁକ୍ତ ଅଭିମନ୍ୟୁଙ୍କୁ ଗିରଫ କରବା ସହିତ ତାଙ୍କ ନିକଟରୁ ଚୋରି ହୋଇଥିବା ୨ଟି ମୋବାଇଲକୁ ଉଦ୍ଧାର କରିଛି। ପରେ ଅଭିମନ୍ୟୁଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି।

## ଦେଉଳି ସ୍କୁଲରେ ଚାରାରୋପଣ

**ଧର୍ମଶାଳା,୧୭।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଦେଉଳି ଉପ୍ରା ବିଦ୍ୟାଳୟରେ ଶନିବାର ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ରାଉତରାୟଙ୍କ ତତ୍ତ୍ୱାବଧାନରେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବଉଳ, ବେଲ, ଅଁଳା, ନିମ୍ବ, ଆମ୍ବ, ପଣସ, ନଡିଆ ଆଦି ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରମୋଦ କୁମାର ସାହୁ, ସୋମନାଥ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ରୋଜାଲିନ ମଲ୍ଲିକ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିବା ସହ ଏହାର ଉପକାରିତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।



ଦେଉଳି ସ୍କୁଲରେ ଚାରା ରୋପଣ କରାଯାଉଛି।

# ଜୋର ଧରିଲା ଦଳ ବିରୋଧୀଙ୍କ ବହିଷ୍କାର ଦାବି

**କୋରେଇ,୧୭।୮(ସ୍ୱ.ପ୍ର.)**

ଯାଜପୁର ଜିଲା ଭାଜପାରେ ଆଭ୍ୟନ୍ତରୀଣ କନ୍ଦଳ ଉଗ୍ରରୂପ ନେବାରେ ଲାଗିଛି । ଗତ ସାଧାରଣ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ କେତେକ କାର୍ଯ୍ୟକର୍ତ୍ତାଙ୍କୁ ହଟେଇବାକୁ ଏବେ ଦାବି ଜୋର ଧରିଛି। ଏହିକ୍ରମରେ ଜିଲା ଯୁବମୋର୍ଚ୍ଚା ସଭାପତିଙ୍କ ବିରୋଧରେ ଅସନ୍ତୋଷ ଉଗ୍ରରୂପ ନେଇଛି। ଗୁରୁବାର ବ୍ୟାସ ସରୋବରଠାରେ ଯୁବ ଭାଜପା କର୍ମକର୍ତ୍ତା ଏକାଠି ହୋଇ ଯୁବମୋର୍ଚ୍ଚାର ନିଷ୍କ୍ରିୟତା ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉପଯୁକ୍ତ ଦକ୍ଷ ଓ ଦୃଢ଼ ନେତୃତ୍ୱର ଆବଶ୍ୟକ ରହିଛି ବୋଲି ଆଲୋଚନା କରିଥିଲେ । ଏହାବାଦ ବର୍ତ୍ତମାନର ଜିଲା ଯୁବ ମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସ ଠିକ୍ ଭାବେ ସାଙ୍ଗଠନିକ କାର୍ଯ୍ୟ କରୁ ନ ଥିବା ସହ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କୁ ଅଣଦେଖା କରୁଥିବା ବୈଠକରେ ଅଭିଯୋଗ ହୋଇଥିଲା। ଭାଜପାର ୧୨୦ ମିଶନ ଫେଲ ମାରିବା ପରେ ରାଜ୍ୟସ୍ତରରୁ ବୁଥ ପର୍ଯ୍ୟନ୍ତ ଏବେ ଦଳ ଭିତରେ ମାନସ ମନ୍ଥନ ଚାଲିଛି । କେଉଁଠି ଦୋଷ ତ୍ରୁଟି ରହିଲା, ସେହି ଭୁଲକୁ ଖୋଜିବାକୁ ପ୍ରୟାସ ଚାଲିଛି। ଏହାସହିତ ଦଳର ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ସାଙ୍ଗଠନିକ ପର୍ବ ଚାଲୁ ରହିଛି। ତେଣୁ ଭାଜପାର ବିଭିନ୍ନ ପଦାଧିକାରୀମାନେ ମଧ୍ୟ ପରିବର୍ତ୍ତନ ହେବାର ଆବଶ୍ୟକ ରହିଛି। ଭାଜପାର ପ୍ରୟୋଗଶାଳା କୁହାଯାଉଥିବା ଯାଜପୁର ଜିଲାରେ ଗୋଟିଏ ବି ବିଧାୟକ, ସାଂସଦ ଜିତିବାରେ ସକ୍ଷମ ହୋଇପାରିଲେ ନାହିଁ। ଏଥିପାଇଁ ଦୁର୍ବଳ ନେତୃତ୍ୱ ଓ ଦଳବିରୋଧୀ କାର୍ଯ୍ୟକୁ ଦାୟୀ କରାଯାଇପାରେ ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ ସମସ୍ୟାର ସମାଧାନ ତଥା ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଦାବି, ବିକ୍ଷୋଭ, ଧାରଣା, ଦଳୀୟ ସମାବେଶ ପାଇଁ ଯୁବବର୍ଗଙ୍କ ଉପରେ ଆସ୍ଥା ରହିଛି । ଏଥିପାଇଁ ଯୁବ ସଭାପତିଙ୍କ ଭୂମିକା ସଂଗଠନଠାରୁ ନିର୍ବାଚନ ପର୍ଯ୍ୟନ୍ତ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ପ୍ରାୟ ଦେଢ଼ ବର୍ଷ ତଳେ ଯାଜପୁର ଜିଲାର ଯୁବମୋର୍ଚ୍ଚା ରୂପେ ଆଲେକଜାଣ୍ଡାରଙ୍କୁ ଚୟନ କରାଯାଇଥିଲା। ଏହା ପୂର୍ବରୁ ସେ ରାଜ୍ୟ ସଂଯୋଜକ ଥିବାବେଳେ ଯୁବମୋର୍ଚ୍ଚାର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ହେଲେ ଯାଜପୁରରେ ସରକାରୀ ଦଳ ବିରୋଧରେ ମାଳ ମାଳ ଦୁର୍ନୀତିର ଅଭିଯୋଗ ଥିଲେ ମଧ ଯୁବମୋର୍ଚ୍ଚା ଏହାକୁ ଠିକଣା ଢଙ୍ଗରେ ବିରୋଧ କରି ପାରି ନାହିଁ। କିଛି ହାତଗଣତି କାର୍ଯ୍ୟକ୍ରମକୁ ବାଦ୍ ଦେଲେ ସେତେଟା ପ୍ରଭାବୀ ପ୍ରଦର୍ଶନ ହୋଇ ପାରି ନ ଥିବାରୁ ଭାଜପା ଉପରେ ଲୋକେ ଆସ୍ଥାଭାଜନ ହୋଇ ପାରୁନାହାନ୍ତି। ଯୁବମୋର୍ଚ୍ଚା ସଭାପତିଙ୍କୁ ନ ଡାକି ଶତାଧିକ କର୍ମକର୍ତ୍ତା ଏକାଠି ହେବା ଜିଲା ଭାଜପାରେ ସବୁକିଛି ଠିକ ଚାଲି ନାହିଁ ବୋଲି ପ୍ରମାଣିତ କରୁଛି । କିଛି ଠିକ୍ ଚାଲି ନାହିଁ ବୋଲି ପ୍ରମାଣିତ କରିବା ସହ ଦଳ ଦୁର୍ବଳତାକୁ ପଦାରେ ପକାଇବାକୁ ଏବେ ଚେଷ୍ଟା କରାଯାଇଛି। ଯୁବମୋର୍ଚ୍ଚାର ଉପସଭାପତି ରବୀନ୍ଦ୍ର ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଂଯୋଜକ ଅଯୋଧା ଜେନା, କୈଳାଶ ବିଶ୍ୱାଳ, ଉପସଭାପତି ଦୀପକ ସାମଲ, ବିବେକ ଗନ୍ତାୟତ, ଦିଲ୍ଲୀପ ରାଉତ, ଜିତେନ୍ଦ୍ର ବେହେରା, ପ୍ରିତିରଞ୍ଜନ ଦାସ, ବାଦଲ ଜେନା, ରଞ୍ଜିତ (ବାବୁନି) ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାରଙ୍କୁ ପଚାରିବାରେ ସେ କହିଛନ୍ତି ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ସାରା ଭାରତବର୍ଷରେ ସାଂଗଠନିକ ପରିବର୍ତ୍ତନ ହେଉଛି। ତେଣୁ ଜିଲାରେ ମଧ ତାହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।



ବ୍ୟାସ ସରୋବରଠାରେ ଏକାଠି ହୋଇଥିବା ଭାଜପା କର୍ମୀ।

**ଯାଜପୁର ଜିଲା ଭାଜପା**

- ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କ ବିରୋଧରେ ବିକ୍ଷୋଦ୍‌ଗାର



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।
- ଗୌତମବୁଦ୍ଧ



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୮ ତାରିଖ (ରବିବାର)**
- ଡାହାଣୀ ଚଳଚ୍ଚିତ୍ର ପାଇଁ କଳାକାର ଚୟନ, ସ୍ଥାନ- କେସି କ୍ଲବ, ନୟାଗଡ଼, ସମୟ- ମଧ୍ୟାହ୍ନ ୧୨ଟା।

**୧୯ ତାରିଖ (ସୋମବାର)**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥାନ-ବ୍ଲକ କାର୍ଯ୍ୟାଳୟ ପରିସର, ରଣପୁର, ସମୟ- ପୂର୍ବାହ୍ନ ୧୧ଟା।
- ଆଦିବାସୀ ହରିଜନ ମଙ୍ଗଳ ସମିତି ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟାଳୟର ଶୁଭାରମ୍ଭ, ସ୍ଥାନ- ସାହୁ କଲୋନୀ ପରିସର, ଉଠାଣିସାହି, ନୂଆଗାଁ, ସମୟ- ପୂର୍ବାହ୍ନ ୧୦ଟା।

**୨୦ ତାରିଖ (ମଙ୍ଗଳବାର)**
- ରୋଗୀ କଲ୍ୟାଣ ସମିତି ବୈଠକ ସ୍ଥାନ- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଗଣିଆ, ସମୟ- ମଧ୍ୟାହ୍ନ ୧୨ଟା।

# ବାଟ ହୁଡ଼ିଛି ଗାଁ ଆଲୋକୀକରଣ ବ୍ୟବସ୍ଥା

**ନୟାଗଡ଼ ଅଫିସ,୧୭।୮**

ନୟାଗଡ଼ ଜିଲାର ବିଭିନ୍ନ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିଥିବା ଦେଖିବାକୁ ମିଳୁଛି। ଏ ନେଇ ପ୍ରତି ପଞ୍ଚାୟତକୁ ଅର୍ଥରାଶି ପ୍ରଦାନ କରାଯାଇଛି। ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ ଧ୍ୟାନ ଦେଉ ନ ଥିବାରୁ ଏହି ବ୍ୟବସ୍ଥା ଫେଲ୍ ମାରିଥିବା କୁହାଯାଉଛି। ଅନ୍ୟପକ୍ଷେ ଲାଇଟ୍ ଲଗାଇବା ପରେ ରକ୍ଷଣାବେକ୍ଷଣା ଖର୍ଚ୍ଚ କିପରି କରିବେ ସେ ନେଇ ସରପଞ୍ଚମାନେ ଦ୍ୱନ୍ଦ୍ୱରେ ଥିବାରୁ ଏଥିପ୍ରତି ଆଗଭର ହେଉ ନ ଥିବା ଜଣାପଡିଛି।

ପ୍ରକାଶ ଯେ, ପ୍ରତି ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥା ପାଇଁ କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ପଞ୍ଚାୟତକୁ ଟଙ୍କା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨ ବର୍ଷରେ ପ୍ରତି ପଞ୍ଚାୟତକୁ ୧ ଲକ୍ଷ ୭୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହିଭଳି ଭାବେ ଜିଲାର ୧୯୪ ପଞ୍ଚାୟତକୁ ୩ କୋଟି ୪୧ ଲକ୍ଷ ୪୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ଏ ନେଇ ଅର୍ଥ ପ୍ରଦାନ କରାଯାଇଥିଲା। ହେଲେ



ନୟାଗଡ଼ ବ୍ଲକର ଏକ ଗ୍ରାମକୁ ପଡିଥିବା ରାସ୍ତା।

ଅନେକ ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ଲାଇଟ୍ ଲଗାଯାଇନାହିଁ। ୧୯୪ ପଞ୍ଚାୟତରୁ ପ୍ରାୟ ୩୦ ପ୍ରତିଶତ ଅର୍ଥାତ୍ ୫୮ ପଞ୍ଚାୟତରେ ଲାଇଟ୍ ଲଗାଯାଇଥିବା ନେଇ ଜିଲା ପଞ୍ଚାୟତ କାର୍ଯ୍ୟାଳୟରୁ ସୂଚନା ମିଳିଛି। ହେଲ ଉକ୍ତ ପଞ୍ଚାୟତଗୁଡିକ ବର୍ତ୍ତମାନ ସୁଦ୍ଧା ୟୁସି (ୟୁଟିଲାଇଜେଶନ ସାର୍ଟିଫିକେଟ) ଦାଖଲ କରିନାହାନ୍ତି। ଷ୍ଟ୍ରିଟ୍ ଲାଇଟ୍ ପିଛା ଟଙ୍କା ଦିଆଯାଉଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ ଦିଗରେ ବୈଠକ କରି ଆଲୋଚନା କରାଇବା କଥା। ହେଲେ ଏ ଦିଗରେ କୌଣସି ଆଲୋଚନା ହେଉନାହିଁ। ଅନ୍ୟପଟେ କେଉଁ ଗ୍ରାମରେ ଦୁଇଟି କିମ୍ବା ଅନ୍ୟ କେଉଁ ଗ୍ରାମରେ ଗୋଟିଏ ଲାଇଟ୍ ଲଗାଯିବ ତାହାକୁ କେନ୍ଦ୍ର କରି ଅନେକ ସ୍ଥାନରେ ଲାଇଟ୍ ଲଗାଯାଉନାହିଁ। ଆଲୋକୀକରଣ ବ୍ୟବସ୍ଥାରେ ଗାଁ ମୁଣ୍ଡରେ ଲାଇଟ୍ ନ ଲଗାଯିବା ଯୋଗୁ ପୂର୍ବଭଳି ଗ୍ରାମବାସୀ ଅନ୍ଧାରରେ ଯାତାୟାତ କରୁଛନ୍ତି। ପ୍ରତି ପଞ୍ଚାୟତକୁ ଏ ନେଇ ଅର୍ଥ ରାଶି ପ୍ରଦାନ କରାଯାଉଥିବା ବେଳେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ନ ହେବା ଘଟଣା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶୁଣିବାକୁ ମିଳୁଛି ଯେ, ଆଗାମୀ ଦିନରେ ଡିଆରଡିଏରେ ବୈଠକ କରାଯାଇ ଏ ନେଇ ଆଲୋଚନା କରାଯିବ। ଟେଣ୍ଡର ଡକାଯାଇ କୌଣସି ସଂସ୍ଥାକୁ ଆଲୋକୀକରଣ କରାଇବା ଦାୟିତ୍ୱ ଦିଆଯିବ। ଉକ୍ତ ସଂସ୍ଥା ଲାଇଟ୍ ଲଗାଇବା ସହିତ ଏହାର ରକ୍ଷଣାବେକ୍ଷଣ ମଧ୍ୟ କରିବ। ଏ ନେଇ ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ଅନେକ ଗ୍ରାମରେ ଲାଇଟ୍ ଲଗାଯାଇଥିଲେ ମଧ୍ୟ ୟୁସି ଦାଖଲ କରାଯାଇନାହିଁ। ବଳକା ରହିଯାଇଥିବା ପଞ୍ଚାୟତରେ ତୁରନ୍ତ ଲାଇଟ୍ ଲଗାଇବା ଦିଗରେ କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

- ୩୦ ପ୍ରତିଶତ ପଞ୍ଚାୟତରେ ସୀମିତ
- ପ୍ରତି ପଞ୍ଚାୟତକୁ ମିଳିଛି ୧ ଲକ୍ଷ ୭୬ ହଜାର ଟଙ୍କା
- ପଞ୍ଚାୟତ ପକ୍ଷରୁ ଦାଖଲ କରାଯାଇନାହିଁ ୟୁସି

## ପୂର୍ବତନ ବିଧାୟକଙ୍କୁ ଇଟି, ଆଇଟି ବିଭାଗର ଉପଦେଷ୍ଟା ପଦବୀ



ଅନୁଭବ ପଟ୍ଟନାୟକ।

**ଭାପୁର,୧୭।୮ (ଡି.ଏନ୍.ଏ.)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଟେଲିକମ୍ୟୁନିକେଶନ (ଇଟି) ଓ ସୂଚନା ପ୍ରଯୁକ୍ତି (ଆଇଟି) ବିଭାଗର ଉପଦେଷ୍ଟା ପଦବୀରେ ଅଧିଷ୍ଠିତ କରିଛନ୍ତି। ଏଥିପାଇଁ ଖଣ୍ଡପଡ଼ା ବିଜେଡି କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ବିଧାୟକଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। ବିଧାୟକ ଥିବା ସମୟରେ ପଟ୍ଟନାୟକ ଅଞ୍ଚଳର ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଏହି ନିର୍ବାଚନମଣ୍ଡଳୀକୁ ଶ୍ରେଷ୍ଠ ଶିଶୁ ଉପଯୋଗୀ ନିର୍ବାଚନ ମଣ୍ଡଳୀରେ ପରିଣତ କରି ରାଜ୍ୟର ଶ୍ରେଷ୍ଠ ବିଧାୟକ ରୂପେ ସମ୍ମାନିତ ହୋଇଥିଲେ। ତାଙ୍କ କାର୍ଯ୍ୟକୁ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ନିର୍ବାଚନମଣ୍ଡଳୀରେ ଖୁସିର ପରିବେଶ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଚାଷୀ ମୃତ

**ରଣପୁର,୧୭।୮(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ଗୋଡିକିଲୋ ଗ୍ରାମରେ ଶନିବାର ପୋଖରୀରେ ବୁଡି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଦିବାକର ନାୟକ (୫୦)। ସେ ଚାଷ କାର୍ଯ୍ୟ ସାରି ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଶନିବାର ସକାଳୁ ବିଲରେ ଧାନ ରୋଇବା ପାଇଁ ଦିବାକର ଘରୁ ବାହାରି ଯାଇଥିଲେ। ସେଠାରେ ଚାଷ କାର୍ଯ୍ୟ ସାରି ଆମ୍ଭଝର ଗ୍ରାମରେ ଥିବା କନ୍ଦଲା ପୋଖରୀକୁ ଗାଧୋଇବା ପାଇଁ ଅପରାହ୍ନ ସାଢେ ୨ଟାରେ ଯାଇଥିଲେ। ଭାରସାମ୍ୟ ହରାଇ ପୋଖରୀରେ ବୁଡି ଯାଇଥିଲେ। ଦିବାକର ପହଁରା ଜାଣି ନ ଥିବାରୁ କୂଳକୁ ଆସି ପାରି ନ ଥିଲେ। ଦିବାକର ଘରକୁ ଫେରିବାରେ ଡେରି ହେବାରୁ ପରିବାର ଲୋକମାନେ ବିଲକୁ ଯାଇଥିଲେ ମଧ୍ୟ ସେଠାରେ ସେ ନ ଥିବାରୁ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ଗ୍ରାମରେ ଏକଥା ପ୍ରଚାର ହେବାରୁ ଗ୍ରାମବାସୀ ଦିବାକରଙ୍କୁ ଖୋଜିବାକୁ ପରିବାର ଲୋକଙ୍କୁ ସାହାଯ୍ୟ କରିଥିଲେ। କିଛି ଲୋକ ଆମ୍ଭଝର ଗ୍ରାମର ପୋଖରୀ ହୁଡାରେ ଲୁଗା ଓ ଫାଉଡା ଦେଖି ସେ ପୋଖରୀରେ ବୁଡିଯାଇଥିବା ସନ୍ଦେହ କରିଥିଲେ। ଗ୍ରାମର କିଛି ଯୁବକ ପୋଖରୀରେ ପଶି ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଦିବାକରଙ୍କ ମୃତଦେହ ପୋଖରୀ ଭିତରୁ ଉଦ୍ଧାର କରିଥିଲେ। ରଣପୁର ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଥାନାରେ ୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ରଣପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦିବାକର ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ବେଗୁନିଆ,୧୭।୮ (ଡି.ଏନ.ଏ.):** ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗରେ ଶନିବାର ବେଗୁନିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ରାହୁଲ ସ୍ୱାଇଁ (୨୧)। ପୋଲିସ ସୂଚନା ଅନୁସାରେ, ରାହୁଲ ନୟାପଲ୍ଲୀ ଅଞ୍ଚଳରେ ୧୬ ବର୍ଷୀୟା ସଂଖ୍ୟାଲଘୁ ଛାତ୍ରୀଙ୍କୁ ଭଲ ପାଉଥିଲେ। ମାତ୍ର ଛାତ୍ରୀ ଜଣଙ୍କ ଗତ ଏପ୍ରିଲରେ ବେଗୁନିଆ ଅଞ୍ଚଳକୁ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ରାହୁଲ ବେଗୁନିଆ ଆସି ଉକ୍ତ ଛାତ୍ରୀଙ୍କୁ ଅପହରଣ କରି ନେଇଥିଲେ। ଗତ ଏପ୍ରିଲ ୨୭ ରେ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ନଂ. ୫୭/୧୯ରେ ମାମଲା ରୁଜୁ ହୋଇଛି।

■ ତାଳକଣି ପ୍ରଭାସିନୀ ହତ୍ୟା ଘଟଣା

# ପୂର୍ବ ବିବାଦ ହତ୍ୟାର କାରଣ

**ରଣପୁର,୧୭।୮(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ତାଳକଣି ଗାଁର ପ୍ରଭାସିନୀ ବେହେରା(୪୨) ହତ୍ୟା ଘଟଣାରେ ନୂଆ ଶୁକଳ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର ପଣ୍ଡାଙ୍କୁ ଶୁକ୍ରବାର ପୋଲିସ ରଣପୁର କୋର୍ଟ ଚାଲାଣ କରିଥିଲା ବେଳେ ଶନିବାର ଅଭିଯୁକ୍ତଙ୍କ ଶାଶୁ ଓ ସ୍ତ୍ରୀଙ୍କୁ କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ପୋଲିସ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ତାଳକଣି ଗାଁର ମାଗୁଣି ବେହେରାଙ୍କ ପରିବାର ସହିତ ସ୍ୱର୍ଗତ ଜନାର୍ଦ୍ଦନ ରଥଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଜନାର୍ଦ୍ଦନଙ୍କ ଜ୍ୱାଇଁ ସୁରେନ୍ଦ୍ର ପଣ୍ଡା,ଝିଅ ଶିବାନୀ ରଥ ଓ ସ୍ତ୍ରୀ ପଦ୍ମାବତୀ ରଥ କିଛି ମାସ ତଳେ ମିଶି ମାଗୁଣିଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲାବେଳେ ମାଗୁଣିଙ୍କ ସ୍ତ୍ରୀ ପ୍ରଭାସିନୀ ଏହି ମାମଲାରେ ୩ଜଣଙ୍କୁ ୨ବର୍ଷ ଲେଖାଏଁ କାରାଦଣ୍ଡ ହୋଇଯିବ ବୋଲି ଗ୍ରାମରେ କହିଥିଲେ। ଏହାଶୁଣି ଅଭିଯୁକ୍ତମାନେ ଭୟଭୀତ ହୋଇ ପ୍ରଭାସିନୀଙ୍କୁ ହତ୍ୟା କରିବା ପଇଁ ଷଡଯନ୍ତ୍ର ରଚିଥିଲେ। ପ୍ରଭାସିନୀ ସବୁ ଦିନ ପରି ଗତ ଜୁଲାଇ ୨୬ ତାରିଖ ଭୋର ୪ଟାରେ ଗାଁ ପୋଖରୀ ଦଧିବନ୍ଧକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଆଗରୁ ଲୁଚିରହିଥିବା ପଦ୍ମାବତୀ, ଶିବାନୀ ଓ ସୁରେନ୍ଦ୍ର ପ୍ରଭାସିନୀଙ୍କୁ ପୋଖରୀ ହୁଡାରେ ଆକ୍ରମଣ କରିଥିଲେ। ସେଠାରେ ତାଙ୍କୁ ହତ୍ୟା କରି ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ପୋଖରୀ ଭିତରେ ପକାଇ ସେଠାରୁ ଫେରାର ହୋଇଯାଇଥିଲେ। ମହିଳା ବହୁ ସମୟ ଧରି ଘରକୁ ନ ଫେରିବା ଓ ପରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ନେଇ ଖବର ପାଇ ସ୍ୱାମୀ ମାଗୁଣି ଘଟଣାସ୍ଥଳକୁ ଯାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରଥିଲେ। ପ୍ରଭାସିନୀ ଗାଧୋଇ ସାରି ପାହାଚରେ ଲୁଗାପଟା ଥୋଇ ଘରକୁ ଫେରୁଥିବାବେଳେ ସଂଘବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ୧୫୯/୧୯ରେ ମାମଲା ରୁଜୁ କରି ରଣପୁର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ, ସବ୍‌ଇନ୍ସପେକ୍ଟର ପ୍ରୀତିପ୍ରକାଶ ମହାନ୍ତି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୨୨ଦିନ ପରେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ପୋଲିସ ଗିରଫ କରି ପଚରାଉଚରା କରିଥିଲା। ସେ ଏହି ହତ୍ୟାକାଣ୍ଡ ବିଷୟରେ ପୋଲିସକୁ ସମସ୍ତ ତଥ୍ୟ ଦେଇଥିଲେ। ଶୁକ୍ରବାର ରାତ୍ରରେ ତାଳକଣି ଗ୍ରାମରେ ପୋଲିସ ଚଢାଉ କରି ଅଭିଯୁକ୍ତ ୨ମହିଳାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା।



ମା’, ଝିଅଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରୁଛି।

**ଗିରଫ ମୁଖ୍ୟ ଅଭିଯୁକ୍ତଙ୍କ ସ୍ତ୍ରୀ, ଶାଶୁଙ୍କୁ କୋର୍ଟ ଚାଲାଣ**

■ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

# ଇସିଜି ତୁରନ୍ତ ଚାଲୁ କରିବାକୁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୧୭।୮**

ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ଶନିବାର ସନ୍ଧ୍ୟାରେ ଅଚାନକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସନ୍ଧ୍ୟା ୭ଟାରେ ଜିଲାପାଳ ଟୁଡୁ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶିଶୁ ୱାର୍ଡ଼, ଏସ୍‌ଏନ୍‌ସିୟୁ, ପ୍ରସୂତି ରୁମ୍, ଲେବର ରୁମ୍, ନିରାମୟ କେନ୍ଦ୍ର, ଇମର୍ଜେନ୍ସି ୱାର୍ଡ଼, ପୃଷ୍ଟି ସାଧନ କେନ୍ଦ୍ର, ଓପିଡ଼ି, ସର୍ଜରି ୱାର୍ଡ଼ ଆଦି ବୁଲି ଦେଖିଥିଲେ। ଯୋଗାଯାଉଥିବା ବିଭିନ୍ନ ସୁବିଧା ବିଷୟରେ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସାଳୟରେ ଦେଖାଦେଉଥିବା ବିଭିନ୍ନ ଅବ୍ୟବସ୍ଥା ଦୂରେଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୮ମାସ ହେଲା ବନ୍ଦ ହୋଇ ପଡ଼ିଥିବା ଇସିଜି କେନ୍ଦ୍ର ତୁରନ୍ତ ଚାଲୁ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଯେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ୮ମାସ ହେଲା ବନ୍ଦ ରହିଛି ଇସିଜି ଶୀର୍ଷକ ଏକ ଖବର କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାକୁ ଦେଖି ଜିଲାପାଳ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଯେଉଁ ଟେକ୍‌ନିସିଆନ୍ ଇସିଜି କରୁଥିଲେ ତାଙ୍କ ସହ ହେଲପ୍ ଡେକ୍ସରୁ ଜଣେ ମହିଳା କର୍ମଚାରୀ ଉକ୍ତ କେନ୍ଦ୍ରରେ ରହି ପରୀକ୍ଷା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାପାଳ ପୋମା ଟୁଡୁ ଜଣେ ମହିଳାଙ୍କୁ ପଚାରି ବୁଝୁଛନ୍ତି।

# ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟନାଟିକା ‘ମାନଭଞ୍ଜନ’ ପରିବେଷିତ

**ଖଣ୍ଡପଡ଼ା.୧୭।୮(ସ୍ୱ.ପ୍ର)**

ଗହ୍ମା ପୂର୍ଣ୍ଣମୀ ଅବସରରେ ଶ୍ରୀ ରାଧାମୋହନ ଜୀଉଙ୍କ ମଠ ପରିସରରେ ରାଧାମୋହନ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଶିଶୁ କଳାକାରମାନଙ୍କୁ ନେଇ ଏକ ନୃତ୍ୟ ନାଟିକା ‘‘ମାନ ଭଞ୍ଜନ’’ ପରିବେଷିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଶାଶ୍ରୀ ସାହୁଙ୍କ ଦ୍ୱାରା ପରିବେଷିତ ଗଣେଶ ବନ୍ଦନା ନୃତାଭିନୟ ଖୁବ୍ ଉଚ୍ଚକୋଟିର ହେବା ସହ ଦର୍ଶକଙ୍କୁ ବିମୋହିତ କରିଥିଲା। ମାନଭଞ୍ଜନ ନୃତ୍ୟନାଟିକାରେ ଶ୍ରୀରାଧା, ଶ୍ରୀକୃଷ୍ଣ, ଲଳିତା, ବିଶାଖା ଭୂମିକାରେ ଯଥାକ୍ରମେ ବର୍ଷା, ପ୍ରାଚୀ, ରୁନୁ ଓ ରୀତା ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ସୁନୟନା, ମିକି, ମିଟି, ତୁଳସୀ, ଦେବୀ, ସିପୁନ ଆଦି ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂକୀର୍ତ୍ତନ ମଣ୍ଡଳୀର ସଭାନେତ୍ରୀ ରୂପବତୀ ଦଳେଇ ସଂଯୋଜନା କରିଥିବା ବେଳେ ସୂର୍ଯ୍ୟମଣୀ ମହାରଣା ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ।



ନୃତ୍ୟନାଟିକାରେ ଭାଗ ନେଇଥିବା କୁନି ପିଲାମାନେ।

# ମହିଳା ମହାବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି

**ଖଣ୍ଡପଡା,୧୭।୮(ସ୍ୱ.ପ୍ର.)**

କଣ୍ଟିଲୋ ନାଗରିକ ମଞ୍ଚ, ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପରିସରରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସଭାପତି ଅଖିଳ କୁମାର ମହାରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ମିଳିତ ବୈଠକରେ କଣ୍ଟିଲୋରେ ଏକ ମହିଳା ମହାବିଦ୍ୟାଳୟ ଖୋଲା ଯିବା ସହ ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେବା ପାଇଁ ସରକାରଙ୍କ ପାଖରେ ଆଗାମୀ ଦିନରେ ଦାବି ଉପସ୍ଥାପନ କରାଯିବା ସହ ସ୍ଥାନୀୟ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସହଯୋଗ କାମନା କରାଯିବାକୁ ସର୍ବ ସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର କାଣ୍ଟି, ଈଶ୍ୱର ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଥ ସାହୁ, ଅଜୟ କୁମାର ସାହୁ, ରାମଚନ୍ଦ୍ର ମହାପାତ୍ର, ହରିହର ଦାଶ, ସରୋଜ କୁମାର ମିଶ୍ର, ଦଣ୍ଡପାଣି ସାହୁ, ଅନନ୍ତ ମହାପାତ୍ର, ଉଜ୍ଜ୍ୱଳ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ୧୨୨ ଛାତ୍ରୀଛାତ୍ର ଦେଲେ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା

**ଭାପୁର,୧୭।୮ (ଡି.ଏନ୍.ଏ.)**

ଭାପୁର ବ୍ଲକର ୧୨୨ ଛାତ୍ରୀଛାତ୍ର ଶନିବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଛନ୍ତି। ଭାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ପରୀକ୍ଷା ୧୦ଟା ୩୦ମିନିଟ୍ ସମୟରେ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୩୦ରେ ଶେଷ ହୋଇଛି। ବ୍ଲକର ୮୦ ବିଦ୍ୟାଳୟରୁ ୧୨୬ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷାର୍ଥୀମାନେ ସାହିତ୍ୟ, ଗଣିତ, ସାମାଜିକ ବିଜ୍ଞାନ ଓ ମାନସିକ ଦକ୍ଷତା ବିଷୟରେ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପରିଚାଳନା କରିଥିଲେ ଭାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଓ ତାଙ୍କ ସହକର୍ମୀମାନେ। ଏମାନଙ୍କ ମଧ୍ୟରୁ ମେଧା ଓ ଗରିବ ମେଧା ୨ଟି ଅଲଗା ଅଲଗା ମେରିଟ୍ ଲିଷ୍ଟ ପ୍ରସ୍ତୁତ ହେବ।



ବୃତ୍ତି ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର।

■ ଅଣଛାତ୍ରଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ

# କଲେଜ ମୁଖ୍ୟ ଫାଟକରେ ଲାଗିବ ସିସି କ୍ୟାମେରା

**ଖଣ୍ଡପଡ଼ା,୧୭।୮(ସ୍ୱ.ପ୍ର.)**

**ନୀଳମାଧବ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳର କେତେକ ଅଣଛାତ୍ର ପ୍ରବେଶ କରି ନାନା ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି। ଫଳରେ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ବାଧା ସୃଷ୍ଟି ହେଉଛି। ବିଶୃଙ୍ଖଳିତ ଅଣଛାତ୍ରଙ୍କୁ ଚିହ୍ନଟ ସହିତ ସେମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟରେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ସିସି କ୍ୟାମେରା ଲଗାଯିବା ପାଇଁ ଶୁକ୍ରବାର ଆୟୋଜିତ କଲେଜ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଲେଜ ସଭାଗୃହରେ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଲେଜର ଶିକ୍ଷାଦାନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି କଲେଜ ପରିସରରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଓ ହତାବାଡ ନିର୍ମାଣରେ ଅଭିଯୋଗ ହୋଇଥିବା ଦୁର୍ନୀତି ସମ୍ପର୍କରେ ସବ୍ କମିଟି ଉପସ୍ଥାପିତ କରିଥିବା ରିପୋର୍ଟକୁ ସଭ୍ୟମାନେ ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ରିପୋର୍ଟ ଅନୁସାରେ ନୀତି ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକଙ୍କୁ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକୀୟ ଷ୍ଟାଫ୍ ନିଯୁକ୍ତି ପାଇଁ ହୋଇଥିବା ସାକ୍ଷାତ୍‌କାର ରିପୋର୍ଟକୁ ଗ୍ରହଣ କରାଯାଇ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ସ୍ଥିର କରାଯାଇଥିଲା। ଏହାବ୍ୟତୀତ ଚଳିତ ବର୍ଷ ପାଇଁ +୨ ଓ ଡିଗ୍ରୀ ଶ୍ରେଣୀ ପାଇଁ ଆୟବ୍ୟୟ ଅଟକଳ ଗୃହୀତ କରାଯାଇଥିଲା। ୧୮ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା କଣ୍ଟିଲୋ ମହାବିଦ୍ୟାଳୟରେ କେତେଜଣ ଅଧ୍ୟାପକ ନିୟମିତ ଭାବେ କଲେଜକୁ ବିଳମ୍ବରେ ଆସୁଥିବା ବେଳେ ଶିକ୍ଷାଦାନରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ଆଲୋଚନା କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଚଳିତ ବର୍ଷ ପାଇଁ +୨ ଓ ଡିଗ୍ରୀ ଶ୍ରେଣୀ ପାଇଁ ଆୟବ୍ୟୟ ଅଟକଳ ଗୃହୀତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ନାୟକ ଉକ୍ତ ବୈଠକକୁ ସଂଯୋଜନା କରିଥିବା ବେଳେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଆଲୋଚନାରେ ଅନ୍ୟତମ ସଭ୍ୟ ଅଖିଳ କୁମାର ମହାରଣା, ଈଶ୍ୱର ଚନ୍ଦ୍ର ମିଶ୍ର,ଉଜ୍ଜ୍ୱଳ ମହାରଣା, ଭିକାରୀ ମହମ୍ମଦ, ପ୍ରଦୀପ କୁମାର କର, ପ୍ରଭାକର ଶିରୋମଣି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।